Bhubaneswar- 28 may 2026
ଭୁବନେଶ୍ୱର- ୨୮ ମେ' ୨୦୨୬
Vol- 1 Issue - 32
ଭାଗ- ୧ ସଂଖ୍ୟା- ୩୨
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA



୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ୍ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭


## ଓଡ଼ିଶା ପୋଲିସରେ ବଡ଼ ନିଯୁକ୍ତି ଘୋଷଣା
# ୭,୬୬୪ ପଦ ପୂରଣ ହେବ



**ଭୁବନେଶ୍ୱର:** ଓଡ଼ିଶାରେ ପୁଲିସ ନିଯୁକ୍ତିକୁ ନେଇ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ଏକ ଅଧିକୃତ ଆଦେଶ ଅନୁଯାୟୀ, କନଷ୍ଟେବଳ ଠାରୁ ଆରମ୍ଭ କରି ସବ୍-ଇନ୍ସପେକ୍ଟର ପର୍ଯ୍ୟନ୍ତ ମୋଟ ୭,୬୬୪ଟି ଖାଲି ପଦବୀର ନିଯୁକ୍ତି ପ୍ରକ୍ରିୟା ଏବେ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ୍ ମାଧ୍ୟମରେ କରାଯିବ। ଏହି ନିଷ୍ପତ୍ତି ରାଜ୍ୟର ହଜାର ହଜାର ଚାକିରି ପ୍ରାର୍ଥୀଙ୍କ ପାଇଁ ବଡ଼ ଆଶା ସୃଷ୍ଟି କରିଛି। ଗୃହ ବିଭାଗ ପକ୍ଷରୁ ଚିଠିରେ କୁହାଯାଇଛି ଯେ, ସରକାର ଗଭୀର ବିଚାରବିମର୍ଶ ପରେ ଏହି ନିଯୁକ୍ତି ଦାୟିତ୍ୱ ଓୟୁଏସଏସସିକୁ ଦେବାକୁ ଅନୁମୋଦନ କରିଛନ୍ତି। ଓୟୁଏସଏସସି ସଚିବଙ୍କୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଆଦେଶ ଅନୁଯାୟୀ, ମୋଟ ଚାରି ପ୍ରକାର ପଦବୀରେ ନିଯୁକ୍ତି ହେବ। ସେଥିରେ ୩୦୦ଟି କନଷ୍ଟେବଳ (କମ୍ୟୁନିକେସନ୍) ପଦ, ୨,୨୧୨ଟି ଓଆଇଏସଏଫ କନଷ୍ଟେବଳ ପଦ, ୪,୨୧୯ଟି ସିଭିଲ କନଷ୍ଟେବଳ ପଦ ଏବଂ ୯୩୩ଟି ଏସଆଇ ଓ ସେଇ ର୍ୟାଙ୍କ ପଦ ରହିଛି। ଏହା ରାଜ୍ୟରେ ଗତ କିଛି ବର୍ଷ ମଧ୍ୟରେ ସବୁଠାରୁ ବଡ଼ ପୁଲିସ ନିଯୁକ୍ତି ପ୍ରକ୍ରିୟା ମଧ୍ୟରୁ ଗୋଟିଏ ବୋଲି ମନେ କରାଯାଉଛି। ବିଶେଷ କଥା ହେଉଛି, ଏସଆଇଓ ସେଇ ରାଙ୍କ ପଦବୀର ନିଯୁକ୍ତି ପୂର୍ବରୁ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ଅଧୀନରେ ଥିଲା। କିନ୍ତୁ ବିଭିନ୍ନ କାରଣରୁ ସେହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରିନଥିଲା। ବିଶେଷ କରି ଏସଆଇ ପରୀକ୍ଷାରେ ବଡ଼ ଦୁର୍ନୀତି ପଦାକୁ ଆସିଥିଲା। ଏହାପରେ ସରକାର ସେହି ନିଯୁକ୍ତିକୁ ମଧ୍ୟ ଓୟୁଏସଏସସି ଅଧୀନକୁ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଆଦେଶରେ ସ୍ପଷ୍ଟ କରାଯାଇଛି ଯେ, ଏସଆଇ ନିଯୁକ୍ତି ପାଇଁ ପୂର୍ବରୁ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ ପ୍ରାର୍ଥୀଙ୍କୁ ନୂତନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ଏଥିପାଇଁ ପୁନର୍ବାର ଆବେଦନ କରିବା ଆବଶ୍ୟକ ପଡ଼ିବ କି ନାହିଁ, ସେନେଇ ପରବର୍ତ୍ତୀ ନିର୍ଦ୍ଦେଶିକାରେ ସ୍ପଷ୍ଟତା ଆସିବ ବୋଲି ଅନୁମାନ କରାଯାଉଛି।

## ପାରାଦୀପରେ ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ
# ଓଡ଼ିଶା ଦେଶର ହେବ ଷ୍ଟିଲ ରାଜଧାନୀ: ମୁଖ୍ୟମନ୍ତ୍ରୀ

- ୧.୨୫ ଲକ୍ଷ କୋଟିର ନିବେଶ
- ବାର୍ଷିକ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ
- ୨୦୨୮ ସୁଦ୍ଧା ଉତ୍ପାଦନ ଆରମ୍ଭ



**ପାରାଦୀପ :** ପାରାଦୀପର ଏରସମା ଅଞ୍ଚଳରେ ଜେଏସଡବ୍ଲ୍ୟୁ ଷ୍ଟିଲର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫରନେସ୍ ନିର୍ମାଣ କାର୍ଯ୍ୟ ବୁଧବାର ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ପାରାଦୀପର ଡିଙ୍କିଆ ଅଂଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପରେ ଜେଏସଡବ୍ଲ୍ୟୁ ଷ୍ଟିଲ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ। ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ। ଜେଏସଡବ୍ଲ୍ୟୁ ଷ୍ଟିଲ ଗ୍ରୁପର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜୀଏଫଇ ଷ୍ଟିଲର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି। ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ। ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଣ୍ଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି। ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ଜାପାନର ଜୀଏଫଇ ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ ଶିଷ୍ଟର ଷ୍ଟେଟ ବା ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ। ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ। କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ। ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ୟହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ। ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ, ଯେଉଁଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ। ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଏବଂ ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ପରେ ଏବେ ଏକ କ୍ରୁଜ୍ ଟର୍ମିନାଲ୍ ଏବଂ ମେଗା ଜାହାଜ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଛି।

## ଜୁନ୍ ୧୮ରେ ରାଜ୍ୟସଭା ଉପନିର୍ବାଚନ

**ଭୁବନେଶ୍ୱର :** ରାଜ୍ୟସଭା ଉପନିର୍ବାଚନ ପାଇଁ ନିର୍ବାଚନ କମିସନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେବାଶିଷ ସାମନ୍ତରାୟ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ପରେ ଖାଲି ପଡ଼ିଥିବା ଆସନ ପାଇଁ ଉପନିର୍ବାଚନ ହେବାକୁ ଯାଉଛି । ନିର୍ବାଚନ କମିସନଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଜୁନ୍ ୧ ତାରିଖରୁ ଆରମ୍ଭ ହେବ ନାମାଙ୍କନ ପ୍ରକ୍ରିୟା । ଜୁନ୍ ୮ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜର ନାମାଙ୍କନ ପତ୍ର ଦାଖଲ କରିପାରିବେ। ଜୁନ୍ ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବାକୁ ଥିବାବେଳେ ଜୁନ୍ ୧୧ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ। ଏହାପରେ ଆବଶ୍ୟକ ହେଲେ ଜୁନ୍ ୧୮ ତାରିଖ ସକାଳ ୯ଟାରୁ ୪ଟା ଯାଏ ଭୋଟଗ୍ରହଣ କରାଯିବ । ସେହି ଦିନ ୫ଟା ବେଳେ ଫଳାଫଳ ଘୋଷଣା କରାଯିବ। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ଦେବାଶିଷ ସାମନ୍ତରାୟ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କ ଇସ୍ତଫା ପରେ ଖାଲି ପଡ଼ିଥିବା ଆସନକୁ ନେଇ ଏବେ ରାଜନୈତିକ ଚଞ୍ଚଳତା ବଢ଼ିଛି । ବିଶେଷକରି ବିଜେପି ଦେବାଶିଷ ସାମନ୍ତରାୟଙ୍କୁ ପୁଣି ରାଜ୍ୟସଭା ସଦସ୍ୟ ପ୍ରାର୍ଥୀ କରିବ କି ନାହିଁ ସେନେଇ ରହିଛି ସମସ୍ତଙ୍କ ନଜର।

## ଲାଞ୍ଚ ନେବା ପଡ଼ିଲା ମହଙ୍ଗା
# ଭିଜିଲାନ୍ସ ହାତରେ ଧରାପଡ଼ିଲେ ୨ ସରକାରୀ ବାବୁ

**ସୁନ୍ଦରଗଡ଼/କେନ୍ଦୁଝର:** ଲାଞ୍ଚୁଆ ସରକାରୀ ବାବୁଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ବିଭାଗ ଆଜି ୨ଜଣ ସରକାରୀ କର୍ମଚାରୀଙ୍କୁ ଚଢ଼ଉ କରି ଧରିଛି। ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସରକାରୀ ବାବୁ ହେଲେ କେନ୍ଦୁଝରଜିଲ୍ଲା ଚମ୍ପୁଆ ଏସିଏସ୍‌ଓ ଧୁମାରାମ ମୁର୍ମୁ ଏବଂ ସୁନ୍ଦରଗଡ଼ ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାଏକ। ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି, ଧାନ କିଣା ନେଇ ଜଣେ ଲାମ୍ପ ପ୍ରଭାରୀଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଶ୍ରୀ ମୁର୍ମୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶ୍ରୀ ମୁର୍ମୁ ଆଜି ନିଜ ଅଫିସରରେ ଏହି ଲାଞ୍ଚ ନେଉଥିଲା ବେଳେ





ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ପୂର୍ବ ଯୋଜନା ଅନୁସାରେ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୧୫,୦୦୦ ଟଙ୍କା ଜବତ ହୋଇଛି। ଏହି ଘଟଣା ପରେ ଭିଜିଲାନ୍ସ ବିଭାଗ ଶ୍ରୀ ମୁର୍ମୁଙ୍କର ବିଭିନ୍ନ ଠିକଣାରେ ସର୍ଚ୍ଚ ଅପରେସନ ଜାରି ରଖିଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ସେହିପରି ଅନ୍ୟ ଏକ ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧୀନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାଏକ ୫୦୦୦ ଟଙ୍କା ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ଜଣେ କଣ୍ଟ୍ରାକ୍ଟରଙ୍କ ଠାରୁ ଇନସିଆଲ ସିକ୍ୟୁରିଟି ଡିପୋଜିଟ (ଆଇଏସଡି) ସଂପର୍କିତ ଆବେଦନ ପ୍ରୋସେସ ପାଇଁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଭିଜିଲାନ୍ସ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଏବଂ ଶ୍ରୀ ନାୟକ ୫୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗର ଟିମ୍ ଅତର୍କିତ ଚଢ଼ଉ କରି ଏହାକୁ ଜବତ କରିଛନ୍ତି। ଏହି ଘଟଣା ପରେ ଭିଜିଲାନ୍ସ ବିଭାଗ ଶ୍ରୀ ନାଏକଙ୍କ ୩ଟି ଠିକଣାରେ ସର୍ଚ୍ଚ ଅପରେସନ ଜାରି ରଖିଛି।

## • ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ
# ଦୁଇ ମୃତ, ଦୁଇ ଗୁରୁତର

**ରାଜନଗର :** ରାଜନଗର ବ୍ଲକ ଡେରା ପଚାଂୟତ ଗୋଖଣୀ ଗ୍ରାମରେ ପକ୍କାଘର ଛାତ ପକାଇ ସାରିବା ପରେ ଶ୍ରମିକମାନେ ପିକଅପ ଗାଡିରେ ସମସ୍ତ ସରଂଜାମ ଭର୍ତିକରି ଶ୍ରମିକମାନେ ମୁଗକଣୀ ଗାଁ ନିକଟରୁ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତାରେ ଫେରୁଥିଲେ । ସେହି ଗାଡି ପଛରେ ମିକ୍ସଚର ମେସିନ ମଧ୍ୟ ସଂଯୋଗ ହୋଇଥିଲା । ମୁଗକଣୀ ମୁଖ୍ୟ ରାସ୍ତା ପୂର୍ବରୁ ଗାଡିଟି ଭାରସାମ୍ୟ ହରାଇ ୭/୮ଫୁଟ ଗଭୀରରେ ଥିବା ଚାଷଜମି ମଧ୍ୟକୁ ଓଲଟି ପଡିଥିଲା । ଗାଡି ଭିତରେ ଥିବା ଶ୍ରମିକମାନେ ତଳେ ପଡି ଯାଇଥିଲେ । ସେମାନଙ୍କ ଉପରେ ପିକଅପ ଗାଡି ସହ ସମସ୍ତ ସରଂଜାମ ଲଦି ହୋଇପଡିଥିଲା । ନିଛାଟିଆ ରାସ୍ତା ହୋଇଥିବାରୁ କେହି ଲୋକ ନଥିବାରୁ ଶ୍ରମିକମାନେ ଯନ୍ତ୍ରଣାରେ ଚିତ୍କାର କରୁଥିଲେ ମଧ୍ୟ ଉଦ୍ଧାର କରିବାକୁ କରିବାକୁ କେହି ନଥିଲେ । କିଛି ସମୟ ପରେ ମୁଖ୍ୟ ରାସ୍ତାରେ ଆସୁଥିବା ଦିଲ୍ଲୀପ ପାଳ(ମୁନ୍ନା), ନୁରୁଗାଁର ଗଣେଷ ବଳଙ୍କ ସହ ମାଳିପୁର ପ୍ରମେୟ ପ୍ରତିନିଧି ସନ୍ତୋଷକୁମାର ପତି, ରାଜନଗର ଗ୍ରାମର ବିନୋଦ ସାହୁ ଓ ଅନ୍ୟମାନେ ପହଂଚି ଶ୍ରମିକମାନଙ୍କ ଉପରେ ପଡିଥିବା ସରଂଜାମକୁ ବାହାର କରି ସେମାନଙ୍କୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ଚିଚିଂରୀ ଗ୍ରାମର କୁମର ବାରିକ(୪୫) ଓ ଗୋଖଣୀ (ଡାହାଣୀଆରି)ଗ୍ରାମର ସୁମନ୍ତ ମହାନ୍ତି(୪୦) ଦୁଇଜଣ ମୃତ୍ୟୁବରଣ କରିଥିଲେ । ଉଦ୍ଧାର ହୋଇଥିବା ଦୁଇ ଶ୍ରମିକ ଚିଚିଂରୀ ଗ୍ରାମର ଅମର ବାରିକ ଓ ଦେବେନ୍ଦ୍ର ନାରାୟଣପୁର ଗ୍ରାମର ଗୌରାଙ୍ଗ ମଣ୍ଡଳଙ୍କର ଗୋଡ ଭାଙ୍ଗି ଯାଇଥିଲା । ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ଦୁଇଜଣଙ୍କୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ରାଜନଗର ପୋଲିସ ପହଂଚି ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଥାନାକୁ ଆଣି ଅଟକ ରଖିଛି । ମୃତ ବ୍ୟକ୍ତିଙ୍କ ଶବକୁ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବାଗାରରେ ରଖାଯାଇଛି । ଗୁରୁବାର ଦିନ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି । ଏହି ଘଟଣା ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ହୀରାକୁଦ ବନ୍ଧରୁ ବନ୍ୟାଜଳ ନିଷ୍କାସନ ନେଇ
# ସର୍ବସାଧାରଣଙ୍କୁ ସତର୍କ କରାଇଲେ ଅତିରିକ୍ତ ହୀରାକୁଦ ମୁଖ୍ୟ ଯନ୍ତ୍ରୀ

**ସମ୍ବଲପୁର:** ବର୍ଷା ଋତୁରେ ହୀରାକୁଦ ଜଳଭଣ୍ଡାରରେ ଜଳରାଶି ବୃଦ୍ଧି ପାଇଥାଏ ଏହାକୁ ଆଖି ଆଗରେ ରଖି ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ସତର୍କତା ଜାରି କରିଛନ୍ତି। ସେ କହିଛନ୍ତି ଚଳିତ ବର୍ଷା ଋତୁରେ ଯେକୌଣସି ସମୟରେ ବନ୍ୟାଜଳ ନିଷ୍କାସନ କରାଯାଇପାରେ। ଏହାକୁ ନଜରରେ ରଖି ମହାନଦୀ ନଦୀ ଶଯ୍ୟାରେ ଚଳାଚଳ କିମ୍ବା ଅନ୍ୟ କାର୍ଯ୍ୟ କରୁଥିବା ସାଧାରଣ ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛନ୍ତି ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ।ବନ୍ୟାଜଳ ଛାଡ଼ାଯିବା ପୂର୍ବରୁ ବନ୍ଧର ବାମ ସ୍ପିଲୱେ ନିକଟରେ ବିଶେଷ ସାଇରନ ବଜାଯିବ। ଏହି ସାଇରନ୍ ପ୍ରଥମେ ୨ ମିନିଟ୍ ଧରି ଲଗାତାର ବାଜିବ ଏବଂ ପରେ ୨୦ ସେକେଣ୍ଡ ବ୍ୟବଧାନରେ ୩୦ ସେକେଣ୍ଡ କରି ଦୁଇଥର ବାଜିବ। ଏହି ପ୍ରକ୍ରିୟା ପୁନରାବୃତ୍ତି ହେବ।

## ୩୬ ଦିନରେ ରଥଖଳା ହାଲ୍‌ଚାଲ୍
# ତିନିରଥର ଚାରୋଟି ଦଣ୍ଡା ଚଉପଟ କାର୍ଯ୍ୟ ଶେଷ

- ତିନିରଥର ଗୟଳ କଣ୍ଟା, ନଦା କଣ୍ଟା ନିର୍ମାଣ ଜାରି
- ନିର୍ମାଣ କାର୍ଯ୍ୟ ତଦାରଖ କଲେ ମୁଖ୍ୟ ପ୍ରଶାସକ

**ପୁରୀ:** ବୁଧବାର ରଥ ନିର୍ମାଣର ୩୬ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଆଗେଇ ଚାଲିଛି ତିନି ରଥର ପାଞ୍ଚ ଦଣ୍ଡା ସହ ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ । ଅନୁକୂଳ ପୂଜା ପରେ ତିନିରଥ ସାଥି ମହାରଣା ସେବକ ମାନେ ପାଞ୍ଚଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ କରିଥିଲେ ୪ ଟି ଲେଖାଏଁ ଦଣ୍ଡାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ଆଜି ତିନି ରଥର ମହାରଣା ସେବକ ମାନେ ପାଞ୍ଚଟି ଲେଖାଏଁ ଦଣ୍ଡାର ଚଉପଟ କାର୍ଯ୍ୟ ସହ ପାର୍ଶ୍ୱଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ ଜାରୀ ରଖିଛନ୍ତି। ପାଞ୍ଚ ଦଣ୍ଡା ସହ ପାର୍ଶ୍ୱଦଣ୍ଡା ଗୁଡ଼ିକର ଚଉପଟ ପରେ ମାପ ପ୍ରକାରେ ଦଣ୍ଡା ଗୁଡ଼ିକର ଉଭୟ ପାର୍ଶ୍ୱ ମୁଖ ସାଲ କାର୍ଯ୍ୟ ହୋଇ ପାଞ୍ଚ ଦଣ୍ଡାର ଆଗ ଆଣି ଏବଂ ପଛ ଆଣି ମୁଂହାଟ ସଂଯୋଗ ହୋଇ ପାଞ୍ଚ ଦଣ୍ଡାର ଉଭୟ ପାର୍ଶ୍ୱରେ ୬ଟି ଲେଖାଇଁ କୁଡୁକା ସଂଯୋଗ ହୋଇ ଖଞ୍ଜା ଯିବ ପାର୍ଶ୍ୱ ଦଣ୍ଡା, ଏହାପରେ ପାଞ୍ଚ ଦଣ୍ଡା ପ୍ରତି କୋଣ ରେ ୪ ଟି ଲେଖାଏଁ ଗୁଜ, ଅସୁଆରୀ ଉଠି, ଗୁଜ ଏବଂ ଆସୁଆରି ଉପରେ ଉପର ମୁହାଁଟି ସଂଯୋଗ ହୋଇ ରଥର ଫ୍ରେମ୍ ପ୍ରସ୍ତୁତ ହେବ। ରଥଖଳା ପାର୍ଶ୍ୱରେ କରତୀ ସେବକ ମାନେ ନନ୍ଦିଘୋଷ ରଥ ପୋଲ ଗୟଳ ର ଚିରଟ କାର୍ଯ୍ୟ ଆରମ୍ଭ କରୁଛନ୍ତି । ଚିରଟ ପୂର୍ବରୁ କରତୀ ସେବକ ମାନେ ନନ୍ଦି ଘୋଷ ରଥର ପୋଲ ଗୟଳ ର ଦୁଇ ପାର୍ଶ୍ୱ କୁ ବାରିସୀରେ ହାଣି ସମତଳ ବା ଚିତା କାର୍ଯ୍ୟ ଶେଷ କରି , ଚିରଟ କାର୍ଯ୍ୟ ଜାରୀ ରଖିଛନ୍ତି । ରୂପକାର ସେବକ ମାନେ ତିନିରଥର ୩୩ ଗୋଟି ସାଲ ଗୁଜର ରୂପ ଖୋଦେଇ କାର୍ଯ୍ୟ ଶେଷ କରି ତିନିରଥର ୮ ଟି ଲେଖାଏଁ ତାଖ ଗୁଜରେ ସିଂହ ବିରଳ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଦଣ୍ଡା କଣ୍ଟା,ଗରଗରା କଣ୍ଟା ନିର୍ମାଣ ଶେଷ କରି ତିନିରଥର ଗୟଳ କଣ୍ଟା, ନଦା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଆଜି ଅପରାହ୍ନରେ ରଥ ଖଳା କୁ ପରିଦର୍ଶନର ଯାଇ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି ମୁଖ୍ୟ ପ୍ରଶାସକ,ବାହାର ରଥ ଖଳାରେ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି ମୁଖ୍ୟ ପ୍ରଶାସକ, ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଜନ ସାଧାରଣ ତଥା ନିର୍ମାଣକାରୀଙ୍କ ସୁରକ୍ଷା କୁ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟ ପ୍ରଶାସକ, ନିର୍ମାଣ କାର୍ଯ୍ୟ ସ୍ଥଳ କୁ ଯେପରି କୌଣସି ବାହାର ବ୍ୟକ୍ତି ବିଶେଷ ପ୍ରବେଶ ନକରନ୍ତି ଧ୍ୟାନ ଦେବାସହ ନିର୍ମାଣ କାର୍ଯ୍ୟ ପାଇଁ ନିର୍ମାଣ ସ୍ଥଳକୁ କାଠ ସରଞ୍ଜାମ ଆସୁଥିବା ବେଳେ ସତର୍କତାର ସହ ସୁରକ୍ଷା ବ୍ୟବସ୍ଥା ନେଇ କାର୍ଯ୍ୟ ସମ୍ପାଦନ କରିବାକୁ ଗୁରୁତ୍ୱ ଦେଇଛନ୍ତି ମୁଖ ପ୍ରଶାସକ, ଦୋଳବେଦୀ କମାର ଶାଳ ପରିଦର୍ଶନ ରେ ଯାଇ ଓଝା କମାର ସେବକ ମାନେ କେଉଁ କେଉଁ କଣ୍ଟା ପ୍ରସ୍ତୁତ ଶେଷ ହୋଇଛି ବୁଝିବା ସହ ରଥ ନିର୍ମାଣ ପାଇଁ ଆବଶ୍ୟକ ଠାରୁ କିଛି ଅଧିକ କଣ୍ଟା ନିର୍ମାଣ କରି ମହଜୁଦ ରଖିବାକୁ ଓଝା ସେବକ ମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ । ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି।



# ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ



**ଚଣ୍ଡିଗଡ଼:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍ ୨୦୨୬ରେ ରାଜସ୍ଥାନ ରୟାଲ୍ସର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ନିଜର ବିସ୍ଫୋରକ ବ୍ୟାଟିଂରେ ଆଜି ଧମାକା କରିଛନ୍ତି। ଏହି ବିସ୍ଫୋରକ ବ୍ୟାଟିଂ ଯେଉଁଭଳି କରିଛନ୍ତି, ଯୁବପିଢ଼ି ତଥା କ୍ରିକେଟ୍‌ପ୍ରେମୀ ତାଙ୍କୁ ବହୁବର୍ଷ ପର୍ଯ୍ୟନ୍ତ ମନେ ରଖିବେ। ବୈଭବ ଆଇପିଏଲ୍ ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମାରିଥିବା ବ୍ୟାଟରଙ୍କ ତାଲିକାର ଶୀର୍ଷରେ ସ୍ଥାନ ପାଇଛନ୍ତି। ଆଜି ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଯେ, ସନରାଇଜସ ହାଇଦ୍ରାବାଦ ବିପକ୍ଷ ଏଲିମିନେଟର ମ୍ୟାଚରେ ବୈଭବ ୨୯ଟି ବଲ୍ ଖେଳି ୯୭ ରନ୍ ସଂଗ୍ରହ କରିଛନ୍ତି। ଏଥିରୁ ୯୨ ରନ୍ କେବଳ ବାଉଣ୍ଡ୍ରିରୁ ଆସିଛି। ସେ ୫ଟି ଚୌକା ଏବଂ ୧୨ଟି ଛକା ମାରିଛନ୍ତି। ୩୩୪.୪୮ ଷ୍ଟ୍ରାଇକ୍ ରେଟ୍‌ରେ ସେ ଯେତେବେଳେ ବ୍ୟାଟିଂ କରିଥିଲେ, ନ୍ୟୁଚଣ୍ଡିଗଡ଼ରସ୍ଥିତ ମହାରାଜା ଯଦବିନ୍ଦର ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ ଉଛୁଳି ପଡୁଥିଲା। ବୈଭବ ପ୍ରଫୁଲ୍ଲ ହିଙ୍ଗେଙ୍କ ବଲ୍ ସ୍ମରଣ ରବିଚନ୍ଦ୍ରନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ।

ବୈଭବ ସୂର୍ଯ୍ୟବଂଶୀ ଚଳିତ ସଂସ୍କରଣରେ ୬୫ଟି ଛକା ମାରିଥିଲେ ଏବଂ ସେ ମହାନ ବ୍ୟାଟର କ୍ରିସ ଗେଲ୍‌ଙ୍କ ସର୍ବକାଳୀନ ରେକର୍ଡକୁ ଧ୍ୱଂସ କରିଛନ୍ତି। ଗେଲ ୨୦୧୨ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖେଳି ୫୯ଟି ଛକା ମାରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ଆଇପିଏଲ୍ ଇତିହାସରେ ବଡ଼ ରେକର୍ଡ ଥିଲା। ଗେଲ୍ ୫୯ଟି ଛକା ୧୫ଟି ମ୍ୟାଚ୍‌ର ୧୪ ଇନିଂସରେ ମାରିଥିଲେ। ଅନ୍ୟପଟରେ ବୈଭବ ୧୫ଟି ମ୍ୟାଚ୍‌ର ୧୫ଟି ଇନିଂରେ ଏହି ଇତିହାସ ରଚିଛନ୍ତି। ବୈଭବଙ୍କ ବ୍ୟାଟିଂ ବଳରେ ରାଜସ୍ଥାନ ଅନ୍ୟତମ ଶକ୍ତିଶାଳୀ ଦଳ ହୋଇପାରିଛି।

ସମ୍ପାଦକୀୟ

# ମୂଲ୍ୟ ଖସୁଛି ଧୀରେ ଧୀରେ

ମୂଲ୍ୟ ଖସୁଛି ଧୀରେ ଧୀରେ ଏବଂ ମୂଲ୍ୟ ମଧ ବଢୁଛି ଧୀରେ ଧୀରେ। ଖସିବାଟା ନକାରାତ୍ମକ ଅର୍ଥରେ ଯାଉଥିବା ବେଳେ ମୂଲ୍ୟ ବଢ଼ିବାଟା କିନ୍ତୁ ସକାରାତ୍ମକ ଅର୍ଥରେ ଯାଉଛି। ତେବେ ଏଠାରେ ଦୁଇଟାଯାକ କିନ୍ତୁ ଭାରତ ପାଇଁ ନକାରାତ୍ମକ ବୋଲି କୁହାଯାଇପାରେ। ଏବେ ଲଗାତାର ଭାରତୀୟ ମୁଦ୍ରାର ମୂଲ୍ୟ ଯେଭଳି ଭାବେ ହ୍ରାସ ପାଇ ଚାଲିଛି, ତାହା ଭାରତୀୟ ଅର୍ଥନୀତିରେ ଏକ ବଡ଼ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି ହୋଇଛି। ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ସହିତ ଆମେରିକୀ ଡଲାରର ମୂଲ୍ୟ ବୃଦ୍ଧି ମଧ ଭାରତ ବଜାର ପାଇଁ କ୍ଷତିକାରକ। ତେବେ ଆଜି ବି ବିଶ୍ୱରେ ଆମେରିକୀୟ ଡଲାରୀର ଚାହିଦା ଅଧିକ ରହିଛି। ଯାହା ପଛରେ କେତେକ ପ୍ରମୁଖ କାରଣ ଯାହା ରହିଛି, ପ୍ରଥମରେ କେତେକ ବସ୍ତୁ ଅନ୍ତର୍ଜାତୀୟ କାରବାର ଯାହାକୁ ଆମେ ଅନ୍ତର୍ଜାତୀୟ ବସ୍ତୁ ବୋଲି କହିପାରିବା। ଯେପରି କି ସୁନା, ରୁପା, ଇଲେକ୍ଟ୍ରିକାଲ୍ ଅବା ଇଲେକ୍ଟ୍ରୋନିକ୍ସ ଆଇଟମ୍ ଏବଂ କ୍ରୁଡ୍ ଅଏଲ୍ ଆଦି ବସ୍ତୁର ବିଶ୍ୱସ୍ତରୀୟ କାରବାର କ୍ଷେତ୍ରରେ ଯେଉଁ ସମୟରେ ନେସନାଲ୍ କରେନ୍ସୀ ଅପେକ୍ଷା ଆମେରିକୀ ଡଲାର କାରବାରର ଚାହିଦା ଅଧିକ ଦେଖିବାକୁ ମିଳେ। ଏଣୁ ସେ ସବୁ କ୍ଷେତ୍ରରେ ଭାରତୀୟ ମୁଦ୍ରାର ଚାହିଦା କମ୍ ରହିବା ସ୍ୱାଭାବିକ। ତେବେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ପଛର ବିଭିନ୍ନ କାରଣ ମଧ୍ୟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ବିଭିନ୍ନ ବସ୍ତୁ ଭଳି ମୁଦ୍ରାର ମଧ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ରହିଛି ଯେଉଁଥିରେ କେବେ କେବେ ତା'ର ଡିମାଣ୍ଡ ଏବଂ ସପ୍ଲାଇ କାରଣରୁ ମୂଲ୍ୟରେ ବୃଦ୍ଧି ଅବା ହ୍ରାସ ଘଟିଥାଏ। ସରଳ ଅର୍ଥରେ କହିଲେ ଯେତେବେଳେ ଭାରତରେ କୌଣସି ବି ବସ୍ତୁ ଅବା ପଦାର୍ଥର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଏ , ସେବେ ତା'ର ଗ୍ରାହକଙ୍କ ପାଇଁ ସେହି ବସ୍ତୁର ଡିମାଣ୍ଡ ମଧ ଅପେକ୍ଷାକୃତ ହ୍ରାସ ପାଇଥାଏ। ସେତେବେଳେ ସେହି ବସ୍ତୁ ଅବା ପଦାର୍ଥର ମୂଲ୍ୟ ତ ବୃଦ୍ଧିପାଇଥାଏ କିନ୍ତୁ ତାକୁ କିଣିବା ପାଇଁ ଆଶାତୀତ ମୂଲ୍ୟବୃଦ୍ଧି ହେତୁ ଗ୍ରାହକଙ୍କ ନିକଟରେ ଆବଶ୍ୟକୀୟ ମୁଦ୍ରାର ଅଭାବ ଅବା ଇଚ୍ଛାର ଅଭାବ ହେତୁ ସେହି ସମୟରେ ମୁଦ୍ରାର ଅବମୂଲ୍ୟାୟନ ବୋଲି ଧରି ନିଆଯାଏ ଅର୍ଥାତ୍ ସେହି ସମୟର ସ୍ଥିତିକୁ ମୁଦ୍ରାର ମୂଲ୍ୟହ୍ରାସ ସହିତ ତୁଳନା କରାଯାଏ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟରେ ରହିଛି ଆମଦାନି , ରପ୍ତାନି କାରଣ। କୌଣସି ଦେଶ ତା'ର ନିଜସ୍ୱ ଉତ୍ପାଦନ ବାହାର ଦେଶକୁ ରପ୍ତାନି କରିବା ବଦଳରେ ଯଦି ବାହାର ଦେଶର ଉତ୍ପାଦନ ନିଜ ଦେଶକୁ ଆମଦାନି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରେ, ତେବେ ସେ କ୍ଷେତ୍ରରେ ବିଦେଶରୁ ଆମଦାନି କରିଥିବା ବସ୍ତୁର ମୂଲ୍ୟ ପ୍ରଦାନ ପାଇଁ ସଂପୃକ୍ତ ଦେଶକୁ ଅଧିକ ପରିମାଣରେ ବିଦେଶୀ ମୁଦ୍ରା କିଣିବାର ଆବଶ୍ୟକତା ପଡ଼ିପାରେ ଯେଉଁ ସ୍ଥିତିରେ ଜାତୀୟ କରେନ୍ସୀ ଅବା ଭାରତୀୟ ମୁଦ୍ରାର ମୂଲ୍ୟରେ ହ୍ରାସ ଘଟିବା ସହିତ ଆମେରିକୀ ଡଲାରର ମୂଲ୍ୟ ବୃଦ୍ଧି ପାଇଥାଏ। ଯେହେତୁ ଅନ୍ତର୍ଜାତୀୟ ସ୍ତରୀୟ କାରବାରରେ ଆମେରିକୀୟ ଡଲାରର ଗୁରୁତ୍ୱ ଅନୁଭବ ହୁଏ। ଏହିପରି ଆହୁରି ବି ଅନେକ କାରଣ ରହିଛି ଯାହା ମଧ୍ୟରେ ମୁଦ୍ରାସ୍ଫୀତି ମଧ ଗୋଟାଏ ପ୍ରମୁଖ କାରଣ । ଅର୍ଥାତ୍ ଭାରତରେ ଯେବେ ମହଙ୍ଗାମାଡ଼ ହୁଏ ସେହି ସମୟରେ ସାଧାରଣ ଜନତାଙ୍କ କ୍ରୟ କ୍ଷମତା ହ୍ରାସ ପାଇବା ଦ୍ୱାରା ସେହି ସମୟରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇବା ସହ ଆମେରିକୀ ଡଲାରର ମୂଲ୍ୟ ବୃଦ୍ଧି ପାଇଥାଏ। ଉପରୋକ୍ତ ଏହିସବୁ ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟରେ ଆଉ ଗୋଟିଏ ରହିଛି କାରଣ ଯାହା ବି ଗୁରୁତ୍ୱପୂର୍ଣ୍ଣ। ଯେବେ ଦୁର୍ବଳ ଅର୍ଥ ବ୍ୟବସ୍ଥା କାରଣରୁ କିମ୍ବା ଅନ୍ୟ କୌଣସି କାରଣରୁ ଭାରତୀୟ ବ୍ୟାଙ୍କ୍ ସେମାନଙ୍କ ସୁଧହାରରେ ବ୍ୟାପକ ହ୍ରାସ କରିବା ଏବଂ ସେହି ସମୟରେ ଆମେରିକାର କେନ୍ଦ୍ରୀୟ ଫେଡେରାଲ୍ ବ୍ୟାଙ୍କର ସୁଧହାରରେ ବୃଦ୍ଧି ଯାହା ଭାରତୀୟ ଅବା ବିଦେଶୀ ନିବେଶକଙ୍କୁ ବିଦେଶୀ ବ୍ୟାଙ୍କ୍‌ରେ ସେମାନଙ୍କ୍ ନିବେଶ ପାଇଁ ପ୍ରୋତ୍ସାହନ ଯୋଗାଏ । ସେହି ସମୟରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବା ସ୍ୱାଭାବିକ । ଏବେ ଏକ ଡଲାରର ମୂଲ୍ୟ ଭାରତୀୟ ମୁଦ୍ରାରେ ୯୫. ୯୮ ଟଙ୍କାରେ ପହଞ୍ଚିଲାଣି ଯାହାକି ମୁଦ୍ରାର ପ୍ରବଳ ଅବମୂଲ୍ୟାୟନକୁ ଦର୍ଶାଉଛି। ତେବେ ଭାରତରେ ଟଙ୍କାର ଏଭଳି କ୍ରମାଗତ ଅବମୂଲ୍ୟୟନ ଯଦି ଜାରିରହେ ତେବେ ତଦଦ୍ୱାରା ଭାରତର ଅର୍ଥନୀତି ପ୍ରଭାବିତ ହେବା ସହ ମୁଦ୍ରାସ୍ଫୀତି .ମୂଲ୍ୟବୃଦ୍ଧି ସହ ଏବଂ ସୁଧହାର ହ୍ରାସ ପାଇବ ଯାହାଦ୍ୱାରା ସାଧାରଣ ଜନତା ଅଧିକ ମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ଉପୁଜିବ। ତେବେ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କର ମିଳିତ ସମନ୍ୱୟରେ କିଛି ପ୍ରତିକାରମୂଳକ ବ୍ୟବସ୍ଥା ହେବା ଦରକାର।

# ଶେଷରେ ଶୋଷ ମେଣ୍ଟିଲା

ଥରେ ଦଳେ କାଉ ଆକାଶରେ ଉଡୁ ଉଡୁ ଚାଲିଗଲେ ବହୁ ଦୂରକୁ। କାଉ ଦଳ ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ତଥାପି ତାଙ୍କ ଯାତ୍ରା ସରୁ ନଥାଏ। କୁଆଡ଼େ ଯାଉଥାଆନ୍ତି କେଜାଣି ? ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବହାରି ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି କାଉ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା କାଉଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ । ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ । ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି କାଉ ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି କାଉ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍‌ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ କାଉମାନଙ୍କର ଏପରି ସ୍ଥିତି ଦେଖି ବାକି କାଉମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୁରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଖର୍ଚ୍ଚ କରି ସେଥିରେ କିଛି ଛୋଟ ପଥର ଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ।

# ଟିକି ବିପ୍ଳବୀ : ନୀଳମଣି



**ଅକ୍ଷୟ କୁମାର ରାଉତ**

ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ । ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତ୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି । ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଢ଼ିହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ । ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ୍ କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ । ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେଓ୍ୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା ।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍‌ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍‌ସା କଲେଜର ଅଧ୍ୟକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍‌ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧ୍ୟକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ ।

ସେ ସମୟରେ ଆଇନ କଲେଜ ରେଭେନ୍‌ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ । ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା । ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା । ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ । ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ । ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା । ବହୁ ଛାତ୍ର ଗିରଫ ହେଲେ । ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରଓ୍ୱାନ ଜାରି କଲେ । ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା । ରେଭେନ୍‌ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ । ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ ।

ନୀଳମଣି ରେଭେନ୍‌ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରଓ୍ୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ । ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ ତାଙ୍କର ସୁସମ୍ପର୍କ ଥିଲା ।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ – ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା । ନୀଳମଣି ଉହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା । ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଲଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ । ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ । ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ ।୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥିଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ । ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ । ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ । କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା । ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ । ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ । ସେ ବିଧାୟକରୁ ସାସଂଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ । ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ । ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ । ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ ।

**ପାରାଦ୍ୱୀପଗଡ଼, କୁଜଙ୍ଗ,**
**ଜଗତ୍‌ସିଂହପୁର**
**୯୯୩୭୬୯୧୪୭୫**

# ଜନ୍ମଦିନ ସ୍ମୃତି : ଗୋକୁଳାନନ୍ଦ ମହାପାତ୍ର



**ଡକ୍ଟର ତପନ କୁମାର ପାଳ**

ଗୋକୁଳାନନ୍ଦ ମହାପାତ୍ର ଜଣେ ଓଡ଼ିଆ ବୈଜ୍ଞାନିକ ଓ ବିଜ୍ଞାନ ଲେଖକ। ୧୯୨୨ ମସିହା ମେଇ ୨୪ ତାରିଖରେ ଭଦ୍ରକ ସହର ଅନ୍ତର୍ଗତ କୁଆଁସଠାରେ ସେ ଜନ୍ମ ଗ୍ରହଣ କରିଥିବା ଗୋକୁଳାନନ୍ଦ ନିଜ ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ନାରାୟଣଚନ୍ଦ୍ର ଓ ଭଦ୍ରକ ହାଇସ୍କୁଲରୁ ମ୍ୟାଟ୍ରିକ ପାସ କରିବା ପରେ ରେଭେନ୍ସା କଲେଜରୁ ରସାୟନ ବିଜ୍ଞାନରେ ବିଏସ୍‌ସି ଏବଂ କଲିକତା ପ୍ରେସିଡେନ୍ସି କଲେଜରୁ ଏମ୍‌ଏସ୍‌ସି ପାସ କରିଥିଲେ। ୧୯୫୮ ମସିହାରେ ସେ ପିଏଚ୍‌ଡ଼ି ହାସଲ କରିଥିଲେ। ୧୯୬୧ ମସିହାରେ ଉଚ୍ଚତର ଗବେଷଣା ପାଇଁ ସେ ଆମେରିକା ଯାଇଥିଲେ। ସେ ବିଜ୍ଞାନ ପ୍ରଚାର ସମିତିର ଜଣେ ସକ୍ରିୟ ସଭ୍ୟ ଭାବେ ଏହାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ।

୨୦୧୦ ମସିହା ମେ ମାସରେ ଡଃ ଗୋକୁଳାନନ୍ଦ ନିତ୍ୟାନନ୍ଦ ମହାପାତ୍ର ଫାଉଣ୍ଡେସନ ନାମରେ ଏକ ସଂସ୍ଥା ଗଠନ କରି ସେ ସମାଜର ନବଜାତ ଶିଶୁ, ଅସହାୟବୃଦ୍ଧ ଓ ଅନାଥ ଶିଶୁଙ୍କର ଥଇଥାନ ଓ ବିକାଶ ଦିଗରେ କାର୍ଯ୍ୟ କରିଥିଲେ। ବିଜ୍ଞାନ ସମ୍ବନ୍ଧୀୟ ବିଷୟକୁ ନେଇ ସେ ପ୍ରଥମେ ଓଡ଼ିଆରେ ଉପନ୍ୟାସ ଲେଖିଥିଲେ। ବିଜ୍ଞାନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଓ ଜନପ୍ରିୟ କରିବା ନିମନ୍ତେ ସରଳ ଓ ସାବଲୀଳ ଭାଷାରେ ସେ ଅନେକ ବିଜ୍ଞାନ ଭିତ୍ତିକ ଲେଖା ଲେଖିଛନ୍ତି। ସେ ହାଇସ୍କୁଲ ପାଇଁ ବିଭିନ୍ନ ବିଜ୍ଞାନ ଭିତ୍ତିକ ପୁସ୍ତକ ଲେଖିବା ସହ ଆଇଏସସି ଶ୍ରେଣୀ ପାଇଁ ଇଣ୍ଟରମିଡ଼ିଏଟ୍ କେମେଷ୍ଟ୍ରି ଲେଖିଥିଲେ। ଏହାଥିଲା ସେତେବେଳେ ଓଡ଼ିଆ ଲେଖକଙ୍କ ଦ୍ୱାରା ପ୍ରଥମ ରସାୟନ ଶାସ୍ତ୍ରର ପାଠ୍ୟପୁସ୍ତକ। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ୨୫ରୁ ଅଧିକ ରସାୟନ ବିଜ୍ଞାନରେ ପାଠ୍ୟପୁସ୍ତକ ରଚନା କରିଥିଲେ। ତେବେ ଉଚ୍ଚକୋଟୀର ଗବେଷଣା ପାଇଁ ସେକୁପର ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ସେ ଶାରଳା ପୁରସ୍କାର ଓ ଓଡ଼ିଶା ସାହିତ୍ୟ ଏକାଡେ଼ମୀରେ ମଧ ସମ୍ମାନିତ ହୋଇଥିଲେ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,**
**ଷ୍ଟାଫ କଲୋନୀ, ଦେଉଳ ସାହି,**
**ତୁଳସୀପୁର, କଟକ,**
**ଦୂରଭାଷ :**
**୯୯୩୭୬୫୮୩୬୨ /**
**୭୯୭୮୭୯୬୬୩୩**

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୮ ମେ' ୨୦୨୬

### ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# କେନାଲରେ ଭାସୁଛି ମୃତ ଭ୍ରୁଣ



**ଶେରଗଡ,୨୭।୫ :** ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। କେତେବେଳେ କେଉଁ କାରଣ କୁ ନେଇ ଯଥା- ଛୋଟ ଛୋଟ କାରଣ ଲାଗି ବ୍ରହ୍ମପୁର ସ୍ଥାନାନ୍ତର, ବିଶେଷଜ୍ଞ ଡାକ୍ତର ଙ୍କ ଅଭାବ, ଲେବର ରୁମରେ ନିଆଁ ଲାଗିବା,୦୬ ମାସ ଧରି ଓ୍ୱାର୍ମର ବନ୍ଦ ରହିବା, ପରିବାର ନିୟୋଜନ ଅସ୍ତ୍ରୋପଚାର ରେ ଅର୍ଥ ଆଦାୟ, ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ବ୍ୟବହୃତ ଛୁଞ୍ଚି ସୂତା ବାବଦରେ ଅର୍ଥ ଦେବା ଲାଗି ବାଧ୍ୟ କରିବା ଭଳି ଘଟଣା ରେ ଚର୍ଚ୍ଚାରେ ରହିଥିବା ଆଜି ପୁଣି ଏକ ନୂତନ ଅଘଟଣ ଯୋଡି ହୋଇଛି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନାମରେ। ଘଟଣା ଟି ହେଲା ମୃତ ଭ୍ରୁଣ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା। ଘଟଣା କ୍ରମେ, ତାକରଡା ଗ୍ରାମର ବିବାହିତ ଝିଅ ସ୍ୱପ୍ନା ନାୟକ ୬ ମାସରୁ ଉର୍ଦ୍ଧ୍ୱ ହେବ ଗର୍ଭବତୀ ଥିଲେ। ଗତକାଲି ତାଙ୍କର ଗର୍ଭ ଯନ୍ତ୍ରଣା ହେବାରୁ ୧୦୨ କୁ ଫୋନ କରିଥିଲେ। ୧୦୨ ଘରେ ପହଞ୍ଚି ସ୍ୱପ୍ନା ଙ୍କୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରକ୍ତ ସ୍ରାବ ଆରମ୍ଭ ହୋଇଥିଲା। ଯଦିଓ ଏଠି କୌଣସି ଉତ୍ତମ ଚିକିତ୍ସା ସୁବିଧା ନଥିଲା, ତେବେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କାହିଁକି କରାଗଲାନି, ତାହା ପ୍ରଶ୍ନବାଚୀ ? ଦ୍ୱିତୀୟତଃ, ଯଦି ଏଠାରେ ତାଙ୍କର ଅପରେସନ କରାଗଲା ଏବଂ ମୃତ ଭ୍ରୁଣ ଜନ୍ମ ହେଲା ତାହେଲେ ମୃତ ଭ୍ରୁଣ କୁ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନଷ୍ଟ କରାନଯାଇ କାହିଁକି ଉକ୍ତ ମହିଳା ଙ୍କୁ ପ୍ଲାସେଣ୍ଟା ଲାଗିଥିବା ଅବସ୍ଥାରେ ମୃତ ଭ୍ରୁଣକୁ କାହିଁକି ଦିଆଗଲା ଏବଂ ମହିଳା ଜଣଙ୍କ ନିଜର ମୃତ ଭ୍ରୁଣକୁ କେନାଲରେ ଫୋପାଡିଦେଲେ,ଏହା କଣ ମାନବିକତା କି,ଏହା ସ୍ୱାସ୍ଥ୍ୟ କେନ୍ଦ୍ର ର କର୍ମଚାରୀ ଙ୍କ ଦାୟିତ୍ୱ ହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ? ଯଦି ମହିଳା ଜଣଙ୍କ ଏହି ମୃତ ଭ୍ରୁଣକୁ ନେବା ଲାଗି ଜିଦ ଧରିଲେ, ତେବେ ଦାୟିତ୍ୱ ରେ ଥିବା ସେବିକା ସ୍ମୃତି ଲତା ନାୟକ କାହିଁକି ବାରଣ କଲେନି ବା ନିଜ କଥା ନଶୁଣିବାରୁ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇଲେନି କାହିଁକି ଏବଂ ଯଦି ଜବରଦସ୍ତ ନେଲେ ତେବେ ତାଙ୍କ ସମ୍ପର୍କୀୟ ଙ୍କ ଠାରୁ ଲିଖିତ ଭାବେ କିଛି ରଖିଲେ ନାହିଁ କାହିଁକି ? ମେଡ଼ିକାଲ କର୍ତ୍ତୃପକ୍ଷ ଙ୍କ ଦାୟିତ୍ୱ ହୀନତା ଲାଗି ମୃତ ଭ୍ରୁଣ ତାକରଡା ନିକଟସ୍ଥ ଋଷିକୂଲ୍ୟା କେନାଲରେ ଭାସୁଥିଲା। ଏହାକୁ ଆଜି ସକାଳୁ ସ୍ଥାନୀୟ ଜନସାଧାରଣ ଦେଖି ନିକଟସ୍ଥ ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ,ଖବର ପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ ଭ୍ରୁଣକୁ ଘଟଣା ସ୍ଥଳରୁ ଉଦ୍ଧାର କରି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ହସ୍ତାନ୍ତର କରିଥିଲେ। ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଏଭଳି ଅବହେଳା କୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି, ସମସ୍ତ ଙ୍କ ମୁହଁରେ ଗୋଟିଏ ପ୍ରଶ୍ନ, କେବେ ବଦଳିବ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାଗ୍ୟ।

### ଖରାଛୁଟିରେ ପାଠପଢା ଠପ୍

# ବଣ୍ଟା ହୋଇନାହିଁ ୯୩ ହଜାର ୩୫୦ ବହି

### ୭ ଟି ଶ୍ରେଣୀର ୧୨ ଟି ବିଭାଗର ବହି ଆଦୌ ଆସିନି

**ଶେରଗଡ,୨୭।୫ :** ଗ୍ରୀଷ୍ମକାଳୀନ ଅବକାଶ ଅଧା ସରିଲାଣି। ଛାତ୍ରଛାତ୍ରୀ ବହି ନଥିବାରୁ ଘରେ ହାତବାନ୍ଧି ବସିଛନ୍ତି। ପାଠପଢା ଆଗେଇ ପାରୁନାହିଁ। ଛୁଟି ଖୋଲିବାକୁ ଛାତ୍ରଛାତ୍ରୀ ଚାହିଁ ବସିଛନ୍ତି। ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବହି ବଦଳିବା ପରେ ନୂତନ ବହି ଆସିନଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଏଯାବତ, ଶେରଗଡ ଶିକ୍ଷା ମଣ୍ଡଳ ରେ ୯୩୩୫୦ ବହି ଛାତ୍ରଛାତ୍ରୀ ପାଇନଥିବା ବିଭାଗ କହୁଥିବା ବେଳେ ପ୍ରକୃତ ପକ୍ଷେ ଅଧିକାଂଶ ଛାତ୍ରଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ପ୍ରତି ବର୍ଷ ଗ୍ରୀଷ୍ମ ଅବକାଶ ପୂର୍ବରୁ ଛାତ୍ରଛାତ୍ରୀ ଙ୍କୁ ସରକାରୀ ବିଦ୍ୟାଳୟ ରେ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥାଏ। ଯଦି କେହି ଛାତ୍ରଛାତ୍ରୀ ବହି ନପାଇଥାନ୍ତି ତେବେ ପୂର୍ବ ବର୍ଷ ର ବହି ସଂଗ୍ରହ କରି ଗ୍ରୀଷ୍ମ ଛୁଟିରେ ପାଠପଢା ଜାରି ରଖିଥାନ୍ତି। ପ୍ରାୟ ୨ ମାସ ଛୁଟି ରହୁଥିବା ରୁ ଏହି ମାସରେ ଛାତ୍ରଛାତ୍ରୀ କିଛି ପାଠ ଶେଷ କରିଦେଇଥାନ୍ତି। ଅପ୍ରେଲ ମାସରେ ପଢାଯାଇଥିବା ପାଠ କୁ ମଧ୍ୟ ପୁନରାବୃତ୍ତି କରିଥାନ୍ତି। ଫଳରେ ବିଦ୍ୟାଳୟ ଖୋଲିବା ପରେ ପାଠପଢା ଆଗେଇ ନେବା ଲାଗି ସେମାନଙ୍କୁ ସହଜ ହୋଇଥାଏ। ଚଳିତ ଥର ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ବଦଳିଛି। ନୂତନ ଢଙ୍ଗରେ ସମସ୍ତ ବହି ଆସିଛି। ମାତ୍ର ଏଯାବତ ସମସ୍ତ ବହି ଛାତ୍ରଛାତ୍ରୀ ଙ୍କ ନିକଟରେ ପହଞ୍ଚି ପାରିନାହିଁ। ଶେରଗଡ ଶିକ୍ଷା ମଣ୍ଡଳ ରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩ ହଜାର ୮୮୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଯେଉଁଥିଲାଗି ୦୧ ଲକ୍ଷ ୬୫ ହଜାର ବହି ଆବଶ୍ୟକ। ଏଯାବତ ୭୧ ହଜାର ୬୫୦ ଖଣ୍ଡ ବହି ବଣ୍ଟା ଯାଇଥିବା ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆହୁରି ୯୩ ହଜାର ୩୫୦ ଆବଶ୍ୟକ ରହିଛି। ମାତ୍ର ଅଧିକାଂଶ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ସପ୍ତମ ଓ ଅଷ୍ଟମ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ଦୁଇ ରୁ ତିନି ଖଣ୍ଡ ବହି ପାଇଛନ୍ତି। ଗଣିତ, ଇଂରାଜୀ ଓ ବିଜ୍ଞାନ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବହି ପାଇନାହାନ୍ତି। ଶିକ୍ଷା ବିଭାଗ ବିଦ୍ୟାଳୟ କୁ କିଛି ବହି ଦେଇଥିବା କହୁଥିଲା ବେଳେ ସମସ୍ତ ବହି ବିଦ୍ୟାଳୟ କର୍ତ୍ତୃପକ୍ଷ ବାଣ୍ଟିଛନ୍ତି କି ନାହିଁ ତାହାର ତଦାରଖ କରାଯିବା ଉଚିତ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ସେହିପରି ଖୁବ ଶୀଘ୍ର ଛାତ୍ରଛାତ୍ରୀ ଙ୍କ ନିକଟରେ ବହି ପହଞ୍ଚିବା ବ୍ୟବସ୍ଥା କରିବାକୁ ଅଭିଭାବକ ମାନେ ଶିକ୍ଷା ବିଭାଗ ନିକଟରେ ଦାବି କରିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବାଲେଶ୍ୱର,୨୭।୫ :** ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜ଼ିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ପ୍ରୟାସରେ ଚିଡେଇ ଗ୍ରାମ ପଂଚାୟତ ଅନ୍ତର୍ଗତ ସଭା ଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିରରେ ବାହାନଗା ବ୍ଲକର ଚିଡେଇ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ। ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୦୧ ଜୁନ ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

## ଲାଞ୍ଚ ନେଇ ଧରାପଡିଲେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନିଷ୍ଠ ଯନ୍ତ୍ରୀ



**ବଣାଇ,୨୭।୫ :** ଲାଞ୍ଚ ନେଇ ଧରାପଡିଲେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସୁନ୍ଦରଗଡ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାୟକ । ଆଜି ଜଣେ ଠିକାଦାର ଙ୍କୁ କାମ ଦେବା କହି ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ି ବସିଲା ସୁନ୍ଦରଗଡ ଭିଜିଲାନ୍ସ। ଧରା ପଡ଼ିବା ପରେ ଯନ୍ତ୍ରୀ ସୁମନ୍ତ ନାୟକ ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ଭିଜିଲାନ୍ସ । ଏହା ସହ ଦୁଇଟି ଟିମ୍ ତାଙ୍କର କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ କଲୋନୀ ସ୍ଥିତ ସରକାରୀ କ୍ୱାର୍ଟର ରେ ଯାଞ୍ଚ କରି ନଗଦ, ସୁନା ଗହଣା, ବ୍ୟାଙ୍କ୍ ପାସବୁକ, ଇନ୍ସୁରାନସ୍ କାଗଜ, ଲାପଟପ୍ ଏବଂ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରିଛି ଭିଜିଲାନ୍ସ । ବର୍ତ୍ତମାନ ସୁଦ୍ଧା ଯାଞ୍ଚ ଜାରି ରହିଛି ।

### ଚାତକ ଚିଟଫଣ୍ଡ ଜମାକାରୀ

# କ୍ଷତିଗ୍ରସ୍ତଙ୍କୁ ଅର୍ଥ ଫେରସ୍ତ କେବେ ?

**ଶେରଗଡ,୨୭।୫:** ବର୍ଷ ପରେ ବର୍ଷ ଗଡୁଛି, ଚିଟଫଣ୍ଡ ରେ ଠକି ହୋଇ ଛଟପଟ କ୍ଷତିଗ୍ରସ୍ତ ଙ୍କ ପକେଟକୁ କିନ୍ତୁ ଫେରୁନି ଟଙ୍କା। ଗତ ସରକାର କର୍ପସ ପାଣ୍ଠି ଗଠନ କଲେ। ବିଜେପି ସରକାର କ୍ଷମତା କୁ ଆସିଲେ ଶହେ ଦିନ ରେ ସବୁ ଚିଟଫଣ୍ଡ କ୍ଷତିଗ୍ରସ୍ତ ଙ୍କୁ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ। ଏଭଳି ନାରା ଦେଇ ବିଜେପି ସରକାର ଗଠନ କଲା, ମାତ୍ର ଦିନ ସିନା ଗଡିଛି,ସରକାରୀ କଳ ଆନ୍ତରିକତା ନାହିଁ କି ଇଚ୍ଛା ଶକ୍ତି ଥିବା ଦେଖାଯାଉନି। ସେମିତି ଚାତକ ପକ୍ଷୀ ଭଳି ଟଙ୍କା ଫେରସ୍ତ ପାଇବାକୁ କ୍ଷତିଗ୍ରସ୍ତ ଜମାକାରୀ ଅପେକ୍ଷା କରି ବସିଛନ୍ତି। ପୂର୍ବରୁ ପଶ୍ଚିମ, ଉତ୍ତର ରୁ ଦକ୍ଷିଣ ସବୁଠି ଚିଟଫଣ୍ଡ ଜମାକାରୀ ଠକେଇର ଶିକାର ହୋଇଛନ୍ତି। କ୍ଷତିଗ୍ରସ୍ତ ଙ୍କୁ ସରକାର ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଲେ। କମିଶନ ଗଠନ କଲେ, ଲକ୍ଷ ଲକ୍ଷ ଜମାକାରୀ ସତ୍ୟ ପାଠ ଦାଖଲ କଲେ। କିଛି ସଂସ୍ଥା ର ସମ୍ପତ୍ତି ବାଜ୍ୟାପ୍ତ ମଧ୍ୟ ହେଲା, ମାତ୍ର କାଁ ଭାଁ କିଛି ଜମାକାରୀ ଙ୍କୁ (ଦଶ ହଜାର ରୁ କମ ଟଙ୍କା) ଫେରସ୍ତ ହେବା ପରେ ପ୍ରକ୍ରିୟା ବନ୍ଦ ରହିଛି। କ୍ଷତିଗ୍ରସ୍ତ ମାନେ ଅପେକ୍ଷା କରି କରି ହତାଶ ହେଲେଣି। ଟଙ୍କା ର ନା ଗନ୍ଧ ନାହିଁ। ଭୋଟ ବେଳେ ଚିଟଫଣ୍ଡ ଅର୍ଥ ଫେରସ୍ତ କୁ ନିର୍ବାଚନୀ ପ୍ରସଙ୍ଗ କରିଥିଲା ବିଜେପି। ଏପରିକି ଦଳ କ୍ଷମତା କୁ ଆସିବା ମାତ୍ରେ କ୍ଷତିଗ୍ରସ୍ତ ଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ ରାଜ୍ୟ ସରକାର। ମାତ୍ର ଫଳ ଶୂନ। କେବେ ଠାରୁ ପୁଣି କ୍ଷତିଗ୍ରସ୍ତ ଙ୍କ ଜମା ଟଙ୍କା ଫେରସ୍ତ ପାଇବେ ତାହା ପ୍ରଶ୍ନବାଚୀ। ଚିଟଫଣ୍ଡ ସଂସ୍ଥା ରେ ଦଶ ହଜାର ଟଙ୍କା ରୁ ଅଧିକ ଜମା ରଖିଥିବା ଜମାକାରୀ ଙ୍କୁ ଟଙ୍କା ମିଳିବା ଆଶା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଆଇନଗତ ଜଟିଳତା, ଜମାକାରୀ ଚିହ୍ନଟ ନହେବା ଓ ବାଜ୍ୟାପ୍ତ ସମ୍ପତ୍ତି ନିଲାମ ନହେବା ରୁ ସରକାର ଅଡୁଆ ଜାଲରେ ଫସିଛନ୍ତି। ତଦନ୍ତ କମିଶନ ଙ୍କ ସୁପାରିଶ ଆଧାର ରେ ମାତ୍ର ଅଳ୍ପ କିଛି କ୍ଷୁଦ୍ର ଜମାକାରୀ ଙ୍କୁ ଅର୍ଥ ଫେରସ୍ତ ହୋଇଛି। ଅନ୍ୟମାନେ ଅର୍ଥ ପାଇବେ ନା ନାହିଁ, ଯଦି ପାଇବେ କେଉଁ ପ୍ରକ୍ରିୟାରେ ପାଇବେ, ତାହାର ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ସରକାରଙ୍କ ସାମନାରେ ବଡ ଚ୍ୟାଲେଞ୍ଜ ହୋଇ ଉଠିଥିବା ବେଳେ ଟଙ୍କା ଫେରସ୍ତ ପାଇବେ ନା ନାହିଁ, ତାହାକୁ ନେଇ ଆଶଙ୍କା ରେ ରହିଛନ୍ତି ଜମାକାରୀ। ଇତି ମଧ୍ୟରେ ବିଜେପି ସରକାର ଦୁଇ ବର୍ଷ ଅତିକ୍ରମ କଲାଣି, ଦେଖାଯାଉ ବିଜେପି ଯେଉଁ ସମସ୍ୟା କୁ ସମାଧାନ କରିବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର କରିଥିଲା,ସେହି ପ୍ରତିଶ୍ରୁତି ପାଳନ କରୁଛି ନା ଜମାକାରୀ ହତାଶ ର ସମ୍ମୁଖୀନ ହେଉଛନ୍ତି ତାହା ସମୟ କହିବ।

### ସରକାରଙ୍କ ଦ୍ୱାରସ୍ଥ ହେଲା ସୁଭଦ୍ରା ଟ୍ରକ ମାଲିକ ମହାସଂଘ

# ମହିଳା ଟ୍ରକ ମାଲିକଙ୍କ ସ୍ୱାବଲମ୍ବନ ଓ ଭଡା ବୃଦ୍ଧି ପ୍ରସଙ୍ଗରେ ଆଲୋଚନା



**ଫୁଲନଖରା,୨୭।୫ :** ସୁଭଦ୍ରା ଟ୍ରକ ମାଲିକ ମହାସଂଘ, ଓଡିଶାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟର ବିଭିନ୍ନ ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ଟ୍ରକ ମାଲିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ପ୍ରତିନିଧି ଦଳ ପ୍ରଥମେ ରାଜ୍ୟର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ସଂଘ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ପରେ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ଇସ୍ପାତ, କମର୍ସ ଓ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ବିଭୁତିଭୂଷଣ ଜେନା ଏବଂ ପରିବହନ କମିଶନର ଶ୍ରୀଯୁକ୍ତ ଅମିତାଭ ଠାକୁରଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା । ମହାସଂଘ ପକ୍ଷରୁ ଉପସ୍ଥାପିତ ଦାବିପତ୍ରରେ ଡିଜେଲ ଓ ପେଟ୍ରୋଲ ଦରର ଅସ୍ୱାଭାବିକ ବୃଦ୍ଧି ଫଳରେ ସାଧାରଣ ଟ୍ରକ ମାଲିକମାନେ ଗୁରୁତର ଆର୍ଥିକ ସଙ୍କଟରେ ପଡୁଥିବା କଥା ଉଲ୍ଲେଖ କରାଯାଇଥିଲା । ଇନ୍ଧନ ଦର ବୃଦ୍ଧି ସହିତ ଗାଡି ରକ୍ଷଣାବେକ୍ଷଣ ଖର୍ଚ୍ଚ, ଟୋଲ ଟ୍ୟାକ୍ସ, ସ୍ପେୟାର ପାର୍ଟସ ଓ ଡ୍ରାଇଭର ଭତ୍ତା ବୃଦ୍ଧି ପାଇଥିବାରୁ ଟ୍ରକ ବ୍ୟବସାୟ ଦିନକୁ ଦିନ କ୍ଷତିରେ ଚାଲୁଥିବା ସଂଘ ପକ୍ଷରୁ କୁହାଯାଇଥିଲା । ଏପରି ପରିସ୍ଥିତିରେ ଟ୍ରକ ଭଡା ବୃଦ୍ଧି କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ମହାସଂଘ ଦାବି କରିଛି । ସେହିପରି ଆଗାମୀ ଦିନରେ ମହିଳା ଟ୍ରକ ମାଲିକମାନେ କିପରି ଭାବରେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ, ସେନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ମହିଳାମାନଙ୍କୁ ପରିବହନ କ୍ଷେତ୍ରରେ ଅଧିକ ସୁଯୋଗ ଓ ସରକାରୀ ପ୍ରୋତ୍ସାହନ ମିଳିଲେ ସେମାନେ ନିଜସ୍ୱ ଟ୍ରକ ବ୍ୟବସାୟ ଗଢ଼ି ଆର୍ଥିକ ଭାବେ ସଶକ୍ତ ହୋଇପାରିବେ ବୋଲି ମହାସଂଘ ପକ୍ଷରୁ ମତ ପ୍ରକାଶ ପାଇଥିଲା । ମନ୍ତ୍ରୀମାନେ ମହାସଂଘର ଦାବି ଓ ସମସ୍ୟାଗୁଡିକୁ ଗୁରୁତ୍ୱର ସହ ଶୁଣିଥିବା ସହ ସମ୍ଭବ ସହଯୋଗ ଓ ସମାଧାନ ପାଇଁ ଆଶ୍ୱାସନା ଦେଇଥିବା ସୂଚନା ମିଳିଛି । ଏହି ଅବସରରେ ସୁଭଦ୍ରା ଟ୍ରକ ମାଲିକ ମହାସଂଘର ସଭାପତି, ସମ୍ପାଦିକା ସହ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ସାମ୍ବାଦିକ ସଂଘ ତରଫରୁ ମେଧାବୀ ଛାତ୍ରୀ ସମ୍ବର୍ଦ୍ଧିତ



**ଆଠମଲ୍ଲିକ,୨୭।୫ :** ଛାତ୍ର ଛାତ୍ରୀ ଙ୍କ ଜୀବନରେ ଅଧ୍ୟୟନ ପାଇଁ କଠୋର ପରିଶ୍ରମ ର ଫଳ କିପରି ଅଭାବ ଅସୁବିଧା ପାରି କରିପାରେ ତାର ଏକ ଉଦାହରଣ ଦେଖିବାକୁ ମିଳିଛି, ଆଠମଲ୍ଲିକ ବ୍ଲକ ମାଧପୁର ସ୍ଥିତ ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସ୍ମୃତିରୁପା ଗୁରୁ +୨ କଳା ବିଭାଗ ରେ ଶତକଡା ୯୩.୧ (୫୫୯) ନମ୍ବର ରଖି ଉପଖଣ୍ଡ ସ୍ତର ରେ ଟପ୍ପର ହୋଇଥିଲେ । ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିବା ଉଧେଶ୍ୟ ରେ ଆଜି ଏ.ଡ଼ି. ୟୁ.ଜେ ଆଠମଲ୍ଲିକ ଶାଖା ସାମ୍ବାଦିକ ସଂଘ ତରଫରୁ ଛାତ୍ରୀ ସୁଶ୍ରୀ ସ୍ମୃତିରୁପା ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମା ଆରତୀ ଗୁରୁ ବାପା ସୁଦର୍ଶନ ଗୁରୁଙ୍କ ବଡ଼ ଝିଅ ଅଟନ୍ତି । ସମ୍ବର୍ଦ୍ଧିତ ସମୟ ରେ ଏ ଡ଼ି ୟୁ ଜେ ସାମ୍ବାଦିକ ସଂଘ ଉପସଭାପତି ସାମ୍ବାଦିକ କମଳାକାନ୍ତ ମିଶ୍ର, ବରିଷ୍ଠ ସାମ୍ବାଦିକ ଉଦିପ୍ତ ପୁରୋହିତ, ସୁବୋଧ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ବାଲି ବୋଝେଇ ହାଇୱାରେ ପାଲ ଢାଙ୍କୁଥିବା ବେଳେ ହାତ ଜଳିଯିବା ଘଟଣା

# ଏନଏଚଆରସିରେ ଅଭିଯୋଗ ପରେ ଯୋଗେନ୍ଦ୍ରଙ୍କ ଅଡୁଆ ବଢିଲା

## ■ ୩୦ ଲକ୍ଷ କ୍ଷତିପୂରଣ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



**ହାଟଡିହି,୨୭।୫ :** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳକ ଏକ ବାଲି ବୋଝେଇ ହାଇୱା ରେ ପାଲ ଢାଙ୍କୁ ଥିବା ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଗୋଟିଏ ହାତ ହରାଇଛନ୍ତି । ଏହି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉଚ୍ଚ ନ୍ୟାୟାଳୟ ର ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରିୟବ୍ରତ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା (ନଂ-୧୨୦୩୭/ଆଇଏନ/୨୦୨୬) ରୁଜୁ କରିଛନ୍ତି । ଶ୍ରୀ ବିଶ୍ୱାଳ ନାବାଳକଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ମାଗଣା ଚିକିତ୍ସା, ପୁନର୍ବାସ, କୃତ୍ରିମ ଅଙ୍ଗ ସହାୟତା ଓ ଶିକ୍ଷା ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେବାକୁ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସୂଚନା ଅନୁଯାଇ ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୋମ୍ୟଜିତ ସାହୁ (୧୪) ଗତ ମାର୍ଚ୍ଚ ମାସ ୧୧ ତାରିଖ ରେ ହାବଳେଶ୍ୱର ହାଇସ୍କୁଲ୍ ନିକଟରେ ଏକ ବାଲି ବୋଝେଇ ହାଇୱା ଟ୍ରକରେ (ଓଡି- ୦୯ପି-୭୭୪୪) ପାଲ ଢାଙ୍କୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ ।ସୋମ୍ୟଜିତଙ୍କୁ ପରିବାର ଲୋକ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ । ନାବାଳକଙ୍କ ଡାହାଣ ହାତଟି ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ହାତଟିକୁ କାଟିବା ସହ ଡାକ୍ତରଖାନା ରେ ଦୀର୍ଘ ୪୦ ଦିନ ପରେ ଘରକୁ ଫେରିଛନ୍ତି । ନାବାଳକଙ୍କୁ ରାତିରେ ଏଭଳି କାର୍ଯ୍ୟରେ ନିୟୋଜିତ କରିଥିବା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ଯୋଗେନ୍ଦ୍ର ବେହେରା ଓ ତାଙ୍କ ପୁଅ ସୁଭାଶିଷ ବେହେରାଙ୍କ ବିରୁଦ୍ଧରେ ନାବାଳକ ର ମା ସୌଦାମିନୀ ସାହୁ ଗତ ୧୩.୦୫.୨୦୨୬ ରିଖ ରେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୌଦାମିନୀଙ୍କ ଅଭିଯୋଗ ଅନୁଯାଇ ତାଙ୍କ ଅଜାଣତରେ ଯୋଗେନ୍ଦ୍ରଙ୍କ ସାନପୁଅ ସୁଭାଶିଷ ଘଟଣା ଦିନ ନିଜ ମୋବାଇଲ (ନଂ- ୭୮୪୮୮୯୩୨୯୯) ରୁ ସୋମ୍ୟଜିତ କୁ ଫୋନ କରିବା ସହ ଟଙ୍କାର ପ୍ରଲୋଭନ ଦେଖାଇ ଗାଡିର ହେଲପର ହିସାବରେ ଡ଼ାକିନେଇଥିଲେ । ନାବାଳକର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସ୍ୱାମୀ ଏକ ଗାଡି ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରନ୍ତି । ଡାକ୍ତରଖାନାରେ ପୁଅର ଚିକିତ୍ସା ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଯୋଗେନ୍ଦ୍ର ଏବଂ ତାଙ୍କ ପୁଅ ସୁଭାଶିଷ ଆଉ ସହଯୋଗ କରୁନଥିବା ସୌଦାମିନୀ ଅଭିଯୋଗ କରିଛନ୍ତି । ପୁଅର ଚିକିତ୍ସା ପାଇଁ ଟଙ୍କା ମାଗିବାରୁ ଯୋଗେନ୍ଦ୍ର ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ସୌଦାମିନୀଙ୍କ ଲିଖିତ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା ପୁଲିସ ଅଭିଯୁକ୍ତ ଯୋଗେନ୍ଦ୍ର ଓ ତାଙ୍କ ପୁଅ ଶୁଭାଶିଷଙ୍କ ବିରୁଦ୍ଧରେ ଏକ ମାମଲା (ନଂ - ୨୦୬/୨୦୨୬) ରୁଜୁ କରିଛି । ସୌଦାମିନୀଙ୍କ ଅଭିଯୋଗକୁ ଭିତ୍ତି କରି ମାନବାଧିକାରକର୍ମୀ ଶ୍ରୀ ବିଶ୍ୱାଳ କେନ୍ଦୁଝର ଜିଲ୍ଲାପାଳ ଓ ଏସପିଙ୍କ ଠାରୁ ଦୋଷୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ତଲବ କରିବାକୁ ଆୟୋଗଙ୍କ ନିକଟରେ ଦାବି କରିଛନ୍ତି । ଘଟଣାର ଗୁରୁତ୍ୱକୁ ଅନୁଭବ କରି ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଗୃହ ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଉଲ୍ଲେଖ କରିଛନ୍ତି । ଏହାସହ ଶିଶୁ ଶ୍ରମ ନିୟୋଜନ, ଗୁରୁତର ଆହତ, ଅପରାଧିକ ଅବହେଳା ଓ ନାବାଳକଙ୍କ ଜୀବନକୁ ବିପଦରେ ପକାଇବା ଭଳି ଅଭିଯୋଗରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ପୋଲିସ ତଦନ୍ତରେ କୌଣସି ଅବହେଳା କିମ୍ବା ଉଦ୍ଦେଶ୍ୟମୂଳକ ନିଷ୍କ୍ରିୟତା ପ୍ରମାଣିତ ହେଲେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଅନୁରୋଧ କରାଯାଇଛି । ସୂଚନା ଅନୁଯାଇ ଅଭିଯୁକ୍ତ ଯୋଗେନ୍ଦ୍ର ବାଲି ଚୋରାଚାଲାଣ, ଖଣି ଅଧିକାରୀଙ୍କୁ ମାଡ ମାରିବା ଅଭିଯୋଗରେ କେନ୍ଦୁଝର ସ୍ପେଶାଲ ସ୍କ୍ୱାର୍ଡ ଦ୍ୱାରା ଗତ ୧୮ ତାରିଖରୁ ଗିରଫ ହୋଇ ଆନନ୍ଦପୁର ବିଚାରବିଭାଗୀୟ ହାଜତ ରେ ଅଛନ୍ତି ।

# ପରିଣତ ବୟସରେ ବୃଦ୍ଧ ବାପା ମା' ହୋଇଯାଇଛନ୍ତି ଅଲୋଡା



**ବସ୍ତା,୨୭।୫ :** ବସ୍ତା ବ୍ଲକ ବରୁଣଗଡିଆ ପଞ୍ଚାୟତ ଅନ୍ତର୍ଗତ ଡୁବୁଳିଆ ଗ୍ରାମର ଏହି ଘଟଣା ବାବଦ ରେ ଜାଣିଲେ ଆପଣ ବି କହିବେ ଧିକ୍ ସେ ପୁଅ, ସାଧାରଣତଃ ଘରେ ପୁଅ ଟିଏ ଜନ୍ମ ହେଲେ ବାପା ମା ଖୁସି ରେ ଗାଁଆ ଯାକ ମିଠା ବାଣ୍ଟନ୍ତି, ଝିଅ ଅପେକ୍ଷା ବାପା ମା ମାନେ ପୁଅ କୁ ଅଧିକ ସ୍ନେହ ଆଦର ମଧ୍ୟ କରିଥାନ୍ତି , କାରଣ ଝିଅଟିଏ ବାହା ହୋଇ ଶାଶୁ ଘରକୁ ଚାଲିଗଲା ପରେ ପରିଣତ ବୟସ ରେ ପୁଅ ବୋହୂ ସେମାନଙ୍କର ସାହାରା ହେବା ସହ ସେବା ଶୁଶ୍ରୁସା କରିବେ, ମାତ୍ର ଆମେ ଏବେ ଯେଉଁ ଘଟଣା ଆପଣଙ୍କ ସାମ୍ନା ରେ ଉପସ୍ଥାପନା କରିବାକୁ ଯାଉଛୁ ଆପଣ ବି କହିବେ ଏମିତିକା ପୁଅ ବୋହୂ କାହାକୁ ବି ନମିଳୁ,ବସ୍ତା ବ୍ଲକ ଅନ୍ତର୍ଗତ ଡୁବୁଳିଆ ଗ୍ରାମର ବାସିନ୍ଦା ବରେନ୍ଦ୍ର ବାରିକ ଏବଂ ଗୌରୀମଣି ବାରିକ,ଉଭୟ ଙ୍କ ବୟସ ୭୦ ଟପିଲାଣି, ବରେନ୍ଦ୍ର ଙ୍କ ଦୁଇ ପୁଅ ମଧ୍ୟରୁ ବଡ ପୁଅ ଓଡିଶା ବାହାରେ ଏକ ସେଲୁନ ଦୋକାନରେ କାମ କରୁଥିବା ବେଳେ ସାନ ପୁଅ ସୁଜୟ ବାରିକ କେନ୍ଦ୍ର ସରକାରଙ୍କ ଅଧୀନ ରେ ଚାକିରୀ କରିବା ସହ ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି, ବଡ ପୁଅ ସ୍ୱଳ୍ପ ରୋଜଗାର ରେ କଷ୍ଟେମଷ୍ଟେ ପରିବାର ଚଳାଇ ବାପା ମା ଙ୍କ ପାଂଇ କିଛି ଟଙ୍କା ପଠାଇ ଥାନ୍ତି, ମାତ୍ର ସାନ ପୁଅ ବାହା ହୋଇ ନିଜ ପିଲା ଛୁଆ ସଂସାର ନେଇ ଶ୍ୱଶୁର ଘରେ ବେଶ ଖୁସି ରେ ରହୁଥିବା ବେଳେ ବୃଦ୍ଧା ବୟସରେ ବାପା ମା ଙ୍କୁ ଦେଉଛନ୍ତି ନିର୍ଯ୍ୟାତନା, ବାପା ମା ଙ୍କୁ ଗାଳି ଗୁଲଜ କରିବା ସହ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ହୋଇଛି, ସୁଜୟ ଙ୍କ ମା ଗୌରିମଣୀ ପକ୍ଷାଘାତ ରୋଗରେ ପୀଡିତ ହୋଇ ଗୋଟିଏ ଜାଗା ରେ ପଡି ରହିଥିବା ବେଳେ ଚିକିତ୍ସା କରିବା ତ ଦୂରର କଥା ଔଷଧ କିଣିବାକୁ ବି ଅସମର୍ଥ ହୋଇଛନ୍ତି ବରେନ୍ଦ୍ର,ଏମିତିକି ରହିବା ପାଂଇ ଖଣ୍ଡିଏ ନଥିବାରୁ ଭଙ୍ଗା ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଭୋକ ଉପାସରେ କାଳାତିପାତ କରୁଛନ୍ତି, ବରେନ୍ଦ୍ର ବହୁ କଷ୍ଟ ରେ ପୁଅ କୁ ପାଠ ପଢାଇ ମଣିଷ କରିଥିଲେ ମାତ୍ର ସେ ଆଜି ଅମଣିଷ ପାଲଟି ଯାଇଛି ବୋଲି କାନ୍ଦି କାନ୍ଦି କହିଛନ୍ତି, ଚାକିରୀ ପାଇବା ପରେ ଘରକୁ ଟଙ୍କା ଦେବା ତ ଦୂର ର କଥା ବୂଢା ବାପା ମା ଙ୍କ ସାଙ୍ଗରେ ଭଲରେ କଥା ବି ହେଉନାହାନ୍ତି ସୁଜୟ, ଆଜିର ସ୍ୱାର୍ଥପର ଦୁନିଂଆ ରେ ଟଙ୍କା ଏବଂ ସମ୍ପତ୍ତି ପାଂଇ ବୂଢା ବାପା ମା ହୋଇ ଯାଇଛନ୍ତି ଅଲୋଡା,ଏନେଇ ବୃଦ୍ଧା ବାପା ମା ନ୍ୟାୟ ପାଂଇ ମୁଖ୍ୟମନ୍ତ୍ରୀ ଙ୍କୁ ଗୁହାରି କରିଥିବା ବେଳେ ଯଦି ନ୍ୟାୟ ନମିଳେ ଉଭୟ ଆତ୍ମହତ୍ୟା କରିବେ ବୋଲି କାନ୍ଦି କାନ୍ଦି କହିଛନ୍ତି, ତେବେ ଏନେଇ ସାନପୁଅ ସୁଜୟ ଙ୍କ ପ୍ରତିକ୍ରିୟା ମିଳି ପାରିନି।

## ପର୍ବ ପାଇଁ କଡା ସୁରକ୍ଷା ବ୍ୟବସ୍ଥା

# ରାଉତରାପୁରରେ ପୋଲିସର ଫ୍ଲାଗ ମାର୍ଚ୍ଚ

■ ସାମ୍ପ୍ରଦାୟିକ ସମ୍ପ୍ରୀତି ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ



**ଫୁଲନଖରା,୨୭।୫ :** ବୟାଳିଶମୌଜା ଅନ୍ତର୍ଗତ କଳପଡା ପଞ୍ଚାୟତ ସ୍ଥିତ ସଂଖ୍ୟାଲଘୁ ଅଧିବାସୀ ଅଞ୍ଚଳ ରାଉତରାପୁରରେ ଆସନ୍ତା କାଲି ପାଳିତ ହେବାକୁ ଥିବା ପବିତ୍ର ଇଦ୍-ଉଲ-ଜୁହା ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରାଇବା ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ୪୨ ମୌଜା ଥାନା ପୁଲିସ ପକ୍ଷରୁ ବୁଧବାର ଅପରାହ୍ନରେ ଏକ ବିଶେଷ ଫ୍ଲାଗ ମାର୍ଚ୍ଚ ଆୟୋଜନ କରାଯାଇଥିଲା। ୪୨ ମୌଜା ଥାନାର ଆଇଆଇସି ହେମନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଥାନାର ସମସ୍ତ ପୁଲିସ କର୍ମଚାରୀଙ୍କ ସହ ଏକ ପ୍ଲାଟୁନ ଫୋର୍ସ ଅପରାହ୍ନ ପ୍ରାୟ ୪ଟା ସମୟରେ ରାଉତରାପୁର ଗ୍ରାମର ବିଭିନ୍ନ ସାହି ଓ ଗଳିରେ ଫ୍ଲାଗ ମାର୍ଚ୍ଚ କରିଥିଲେ। ଏହି ସମୟରେ ପୁଲିସ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ପର୍ବ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ପରସ୍ପର ଭାଇଚାରା ଓ ସାମ୍ପ୍ରଦାୟିକ ସମ୍ମିଳନୀକୁ ଅଟୁଟ ରଖିବାକୁ ଆହ୍ୱାନ ଜଣାଇଥିଲେ। କମିଶନରେଟ ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପର୍ବ ସମୟରେ କୌଣସି ଅସାମାଜିକ କାର୍ଯ୍ୟକଳାପ କିମ୍ବା ଅଫବାହକୁ ପ୍ରଶ୍ରୟ ଦିଆଯିବ ନାହିଁ। ସମସ୍ତେ ଆଇନକୁ ସମ୍ମାନ ଦେଇ ଏକତା ଓ ସମ୍ପ୍ରୀତିର ପରିବେଶରେ ପର୍ବ ପାଳନ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଫ୍ଲାଗ ମାର୍ଚ୍ଚ ସମୟରେ ପୁଲିସର ସକ୍ରିୟ ଉପସ୍ଥିତି ଦେଖି ସ୍ଥାନୀୟ ଲୋକମାନଙ୍କ ମନରେ ସୁରକ୍ଷା ଓ ଆସ୍ଥାର ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ବୁଦ୍ଧିଜୀବୀ ଓ ସମାଜସେବୀମାନେ ମଧ୍ୟ ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଇଦ୍-ଉଲ-ଜୁହା ପର୍ବକୁ ନେଇ ରାଉତରାପୁର ଅଞ୍ଚଳରେ ଖୁସି ଓ ଉତ୍ସାହର ପରିବେଶ ଦେଖାଦେଇଥିବା ବେଳେ, ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଥିବା ସୂଚନା ମିଳିଛି।

# ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ ସବିତାରାଣୀ ଷଡ଼ଙ୍ଗୀ

**କୋଟପାଡ଼,୨୭।୫ :** ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସ୍ୱପ୍ନେଶ୍ୱର ନାୟକଙ୍କ ମାଲକାନଗିରି ଜିଲ୍ଲା ପଡିଆକୁ ବଦଳି ଆଦେଶ ଆସିଥିବାବେଳେ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ୪୦୬୬/୨୬/୦୬/୨୦୨୬ ଅନୁଯାୟୀ ଶ୍ରୀ ନାୟକଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରୁ ରିଲିଭ କରିବା ସହ ତୁରନ୍ତ ସମସ୍ତ ଦାୟିତ୍ୱ କୋଟପାଡ଼ ପି.ଏମ.ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱିତାରାଣୀ ଷଡ଼ଙ୍ଗୀଙ୍କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିବା ଖବର ହସ୍ତଗତ ହୋଇଛି, ଏହି ଚିଠିର ପରିପ୍ରକାଶ ପରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଆନନ୍ଦ ପରିଲକ୍ଷିତ ହେଉଥିବା



ଦେଖିବାକୁ ମିଳିଛି,ଏଠାରେ ପ୍ରକାଶଯୋଗ୍ୟ ଯେ ୧୯୯୦ ମସିହା ଅଗଷ୍ଟ ୧୦ ତାରିଖରେ ହାଇସ୍କୁଲ ଶିକ୍ଷକଭାବେ ନିଜ ଦାୟିତ୍ୱରେ ଯୋଗଦାନ ପରଠାରୁ ଶ୍ରୀମତୀ ଷଡ଼ଙ୍ଗୀ ଅତ୍ୟନ୍ତ ସୂଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରିଆସିଛନ୍ତି,କୋଟପାଡ଼ ପିଏମଶ୍ରୀ ହାଇସ୍କୁଲରେ ଗତବର୍ଷ ମେ ମାସଠାରୁ ଯୋଗଦାନ ପରଠାରୁ ଅନେକ ବିକାଶମୂଳକ କାର୍ଯ୍ୟ ସମ୍ପାଦନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି, ଜଣେ ଦକ୍ଷ, ପ୍ରବୀଣ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ହୋଇଥିବା ସତ୍ତ୍ୱେଭି ଗତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟକାଳ ସମୟରେ କୋଟପାଡ଼ ଅଞ୍ଚଳରେ ହୋଇଥିବା ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପୁନରୁଦ୍ଧାର ତାଙ୍କ ପାଇଁ ଏକ ବିରାଟ ଚ୍ୟାଲେଞ୍ଜ ହେବ ବୋଲି ବିଭିନ୍ନ ମହଲରେ ଆକଳନ କରାଯାଉଛି, ତେବେ ଶ୍ରୀମତୀ ଷଡ଼ଙ୍ଗୀଙ୍କ କାର୍ଯ୍ୟକୁଶଳତା ଯୋଗୁଁ ସେ କୋଟପାଡ଼ ବ୍ଲକର ଶିକ୍ଷା କ୍ଷେତ୍ରରେ ଥିବା ପୂର୍ବଗାରିମାକୁ ନିଶ୍ଚିତଭାବେ ଫେରାଇ ଆଣିପାରିବେ ବୋଲି ବୁଦ୍ଧିଜୀବୀ ମୋହଲରେ ଆଶାବାଦୀ ଥିବାବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମହଲରେ କୋଟପାଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଭାବେ ଦାୟିତ୍ୱ ଗ୍ରହଣ ପରେ ସମ୍ପୂର୍ଣ୍ଣ ସହଭାଗୀ ଓ ସହଯୋଗୀ ଭାବନାରେ କୋଟପାଡ଼ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ତେବେ ଦେଖିବାକୁ ବାକି ରହିଲା ଜଣେ ଦକ୍ଷ ଅଧିକାରୀ ଭାବରେ ଶ୍ରୀମତୀ ଷଡ଼ଙ୍ଗୀ କୋଟପାଡ଼ ଅଞ୍ଚଳରେ ନୂଆ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନା କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମହଲରେ କେତେ ଦୂର ଗ୍ରହଣୀୟ ହୋଇପାରୁଛନ୍ତି ଦେଖିବାକୁ ବାକିରହିଲା।

# ଜିଲ୍ଲା ଯୋଜନା କମିଟିର ପ୍ରାରମ୍ଭିକ ବୈଠକ

**ବାଲେଶ୍ୱର,୨୭।୫ :** ଆଜି ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା କମିଟିର ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଠାରେ ମାନ୍ୟବର ବିଧାୟକ ସିମୁଳିଆ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା ଅଧକ୍ଷତା କରିଥିଲେ । ଏହି ବୈଠକରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ବିଧାୟକ, ସୋର ଶ୍ରୀଯୁକ୍ତ ମାଧବ ଧଡା, ମାନ୍ୟବର ବିଧାୟକ, ଭୋଗରାଇ ଶ୍ରୀଯୁକ୍ତ ଗୌତମ ବୁଦ୍ଧ ଦାସ, ମାନ୍ୟବର ବିଧାୟିକା, ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ,



ନୀଳଗିରି ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟକ, ଜଳେଶ୍ୱର, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ସଭାପତି, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲାର ସମସ୍ତ ବିଭାଗର ଉଚ୍ଚ ପଦାଧିକାରୀ ମାନ ଏହି ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରି ଜିଲ୍ଲାକୁ ସମୃଦ୍ଧିଶାଳୀ କରିବାକୁ ହେଲେ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ଆମ ସମସ୍ତଙ୍କୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକୁ ସଫଳ ରୂପାୟନ କରିବାକୁ ହେବ ବୋଲି ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀଯୁକ୍ତ ପଣ୍ଡା କହିଥିଲେ । ଶେଷରେ ଉପନିର୍ଦ୍ଦେଶକ (P&S) DPMU, ବାଲେଶ୍ୱର ଶ୍ରୀଯୁକ୍ତ ହେମନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୀ ସାର୍ଥକରେ ଦେଖନ୍ତୁ ସୁପରହିଟ ଚଳଚିତ୍ର 'ଅଦୃଶ୍ୟ'

**ଫୁଲନଖରା,୨୭।୫ :** ଓଡ଼ିଆ ସିନେପ୍ରେମୀଙ୍କ ପାଇଁ ଏକ ରୋମାଞ୍ଚକର ଖବର, ଜୀ ସାର୍ଥକରେ ଆସୁଛି ଏକ ଭିନ୍ନ ସ୍ୱାଦର ହର୍ର-ଥ୍ରୀଲର୍ ଚଳଚ୍ଚିତ୍ର 'ଅଦୃଶ୍ୟ'। ଆସନ୍ତା ମେ ୩୧ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ୍ରେ ଏହି ମେଗା ମୁଭିର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ହେବ। "ପାପକୁ ଲୁଚାଇବା ସହଜ କିନ୍ତୁ କର୍ମକୁ ନୁହଁ, ଶେଷ ପରିଣାମ କ'ଣ ହେବ କାରଣ କର୍ମ ଫଳ ଯେମିତି ହେଲେ ଭୋଗିବାକୁ ତ ପଡିବ", ଯାହାକୁ ପ୍ରମାଣିତ କରିଛି ଏହି ଚଳଚ୍ଚିତ୍ର ନିଜର ଏକ ଦମଦାର କାହାଣୀ ସହ । ମା' ଗାୟତ୍ରୀ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଜୀବନ ସହ ଯୋଡ଼ି ହୋଇ ରହିଥିବା କର୍ମଫଳ ଏବଂ ଏକ ରହସ୍ୟମୟ 'ଅଦୃଶ୍ୟ ଶକ୍ତି' ଉପରେ ଆଧାରିତ। କାହାଣୀ ଆରମ୍ଭ ହୋଇଛି ୭ ଜଣ ସାଙ୍ଗଙ୍କ ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ଯାତ୍ରାକୁ ନେଇ । ମାତ୍ର ଫେରିବା ବାଟରେ ସେମାନଙ୍କ ଗାଡ଼ି ଖରାପ ହୋଇଯାଏ ଏବଂ ମାଓବାଦୀଙ୍କ ପକ୍ଷରୁ ରାସ୍ତା ଅବରୋଧ ଯୋଗୁଁ ସେମାନେ ଜଙ୍ଗଲ ମଧ୍ୟରେ ଏକ ଆଦିବାସୀ




ହଷ୍ଟେଲରେ ଆଶ୍ରୟ ନେବାକୁ ବାଧ୍ୟ ହୁଅନ୍ତି। ହେଲେ କାହାଣୀ ଆରମ୍ଭ ହୁଏ ଏହିଠାରୁ, ଆରମ୍ଭ ହୁଏ ଅଦୃଶ୍ୟ ଶକ୍ତିର ଖେଳ। କିନ୍ତୁ ଏହା ପଛରେ କୌଣସି ଅଦୃଶ୍ୟ ଶକ୍ତି ରହିଛି ନା କର୍ମର ଫଳ, ଯାହାର ରହସ୍ୟ ଖୋଲିବ କ୍ଲାଇମାକ୍ସରେ । ଏହି ସିନେମା ବିଷୟରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ କହିଛନ୍ତି: 'ଆମେ ସର୍ବଦା ଓଡ଼ିଆ ଦର୍ଶକଙ୍କୁ ମନୋରଞ୍ଜନ ସହ ଏକ ଜୀବନର ପ୍ରକୃତ ସତ୍ୟ ଉପରେ ବାର୍ତ୍ତା ଦେବାକୁ ଚେଷ୍ଟା କରିଥାଉ। 'ଅଦୃଶ୍ୟ' କେବଳ ଭୟ ଓ ରୋମାଞ୍ଚ ସୃଷ୍ଟି କରିବ ତାହା ନୁହଁ, ବରଂ ଏହା ମାନବୀୟ କର୍ମ ଏବଂ ତାର ପରିଣାମକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବ। ପରିବାରର ସମସ୍ତ ସଦସ୍ୟ ଏକାଠି ବସି ଏହି ଚଳଚ୍ଚିତ୍ରର ଭରପୂର ମଜା ନେଇପାରିବେ ବୋଲି ଆମର ଦୃଢ଼ ବିଶ୍ୱାସ।' ଏହି ଫିଲ୍ମର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟ ଭାର ସତ୍ୟ ନାରାୟଣ ସାହୁ ସମ୍ଭାଳିଥିବା ବେଳେ ପ୍ରଯୋଜନା କରିଛନ୍ତି ସୁନନ୍ଦା ସାହୁ। ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ରଙ୍କ ସ୍ୱର ଏବଂ ଅରୁଣ ମନ୍ତ୍ରୀ ଓ ସତ୍ୟ ନାରାୟଣ ସାହୁଙ୍କ ଗୀତ ଚଳଚ୍ଚିତ୍ରକୁ ଅଧିକ ଜୀବନ୍ତ କରିଛି। ମୁଖ୍ୟ ଭୂମିକାରେ ଅଭିଷେକ ଗିରି, ଲିପ୍ସା ମିଶ୍ର ଏବଂ ସାୟଲ ମୁଖାର୍ଜୀ ନଜର ଆସିବେ। ସେହିପରି ସହ-ଅଭିନେତା ଭାବେ ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ରାଜେଶ ଅଗ୍ରୱାଲ, ନୀଳମଣି, ପ୍ରଦୀପ ଦେବତା, ଅରବିନ୍ଦ ଜେନା ଓ କୁସୁମ ତ୍ରିପାଠୀ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଆସନ୍ତା ମେ ୩୧ ରବିବାର ସନ୍ଧ୍ୟା ୬:୩୦ରେ ଜୀ ସାର୍ଥକରେ ଏହି ମହାରହସ୍ୟର ପରଦାଫାଶ୍ ଦେଖିବାକୁ ଜମାରୁ ଭୁଲନ୍ତୁ ନାହିଁ।

# ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷାରେ ନବୀନ ପ୍ରସାଦ ଗୁପ୍ତା ପାଇଲେ

**କୋଟପାଡ଼,୨୭।୫ :** ପ୍ରକାଶ ପାଇଛି ଓଡିଶା ପ୍ରଶାଶନିକ ସେବା ପରୀକ୍ଷା ଫଳ ଏବଂ କୋଟପାଡ଼ ଅଞ୍ଚଳର ନବୀନ ପ୍ରସାଦ ଗୁପ୍ତା ଓ.ଏ.ସ ପରୀକ୍ଷାରେ ୧୯ ନଂ ରେଙ୍କ ରଖି ଏହି ସଫଳତା ପାଇଛନ୍ତି, କୋଟପାଡ଼ ଅଞ୍ଚଳ କେନ୍ଦୁଗୁଡା ଗ୍ରାମର ବୀରେନ୍ଦ୍ର ପ୍ରସାଦ ଗୁପ୍ତା ଓ ମୁନି ଗୁପ୍ତା ଙ୍କ ଦ୍ୱିତୀୟ ପୁତ୍ର ନବୀନ ପ୍ରସାଦ ଗୁପ୍ତା,ସୂଚନା ଥାଉକି ନବୀନଙ୍କ ପରିବାର ଗୋଟିଏ ଲୁଗା ବ୍ୟବସାୟ ପରିବାର, ବାପା ପ୍ରତେକ ଦିନ କୋଟପାଡ଼ ଅଞ୍ଚଳରେ ଲୁଗା ବ୍ୟବସାୟ କରି ନିଜ ପରିବାର ଭୋରଣ,ପୋଷଣ କରି ନିଜ ପୁଅ ଓ ପରିବାର ଙ୍କୁ ଚଳେଇବା ଦେଖିବାକୁ ମିଳିଥିଲା, କିନ୍ତୁ ନବୀନ ନିଜ ବାପାଙ୍କ କଷ୍ଟକୁ ସୁଚାରୁରୂପେ ପରିପାଦନ କରି ଏହି ସଫଳତା ପାଇବାର ମୁକୁଟ ପିନ୍ଧିଥିଲେ, ନବୀନ ନିଜର ତୃତୀୟ ଥର ଓସସ ପରୀକ୍ଷା ରେ ଚଳିତ ଥର ଏହି କୃତିତ୍ୱ ହାସଲ କରିଛନ୍ତି, ସୂଚନା ଥାଉକି କୋଟପାଡ଼ ଅଞ୍ଚଳ ପାଇଁ ଆଉ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ ସୃଷ୍ଟି କରିଛନ୍ତି ନବୀନ କୁମାର ଗୁପ୍ତା,ସେ ଓ.ଏସ.ଏସ.ସି (OSSC) ପରୀକ୍ଷାରେ ଉତ୍କୃଷ୍ଟ ସଫଳତା ଅର୍ଜନ କରି ଟପର ହୋଇ ୧୯ ନଂ ରେଙ୍କ ଆଣି କୋଟପାଡ଼ ଅଞ୍ଚଳର କେନ୍ଦୁଗୁଡା ଗ୍ରାମର ଗୌରବାନ୍ୱିତ କରିଛନ୍ତି,ନବୀନଙ୍କ ଏହି ସଫଳତା ପଛରେ ତାଙ୍କର ଅକ୍ଳାନ୍ତ ପରିଶ୍ରମ,ଦୃଢ଼ ଇଚ୍ଛାଶକ୍ତି ଓ ନିୟମିତ ଅଧ୍ୟୟନ ନିଶ୍ଚିତ ମୁଖ୍ୟ ଭୂମିକା ଗ୍ରହଣ କରିଛି,ତାଙ୍କର ସଫଳତାରେ ପରିବାର,ଶିକ୍ଷକ ଓ କୋଟପାଡ଼ ଅଞ୍ଚଳ ବିଭିନ୍ନ ବୁଦ୍ଧିଜୀବୀ ମୋହଲରେ ଖୁସିର ଲହରୀ ଖେଳିଯାଇଛି, ନବୀନଙ୍କ ଏହି ସଫଳତା ଆଗାମୀ ଯୁବ ପିଢ଼ୀ ମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହେବ ତାହା ତିଳେ ମାତ୍ର ସନ୍ଦେହ ନାହିଁ, ବିଶେଷକରି କୋଟପାଡ଼ ମାଟିରୁ ଏଭଳି ପ୍ରତିଭାମାନେ ଆଗକୁ ଆସି ଜିଲ୍ଲା ଓ ରାଜ୍ୟ ସ୍ତରରେ କୋଟପାଡ଼ ଓ ନିଜ ବାପା, ମା ଙ୍କ ନାମ ଉଜ୍ଜ୍ୱଳ କରୁଥିବାରୁ କୋଟପାଡ଼ ଅଞ୍ଚଳର ସମସ୍ତଙ୍କ ହୃଦୟରେ ସ୍ଥାନ ରଖିବା ସହିତ ନବୀନଙ୍କୁ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଛି,ଏହି କୃତିତ୍ୱ ହାସଲ କରିଛନ୍ତି, ବୀରେନ୍ଦ୍ର ଗୁପ୍ତା ପେସାରେ ଜଣେ ଲୁଗା ବ୍ୟବସାୟୀ,ଲୁଗା ବିକ୍ରିକରି ନିଜ ପୁଅ ମାନଙ୍କୁ ମଣିଷ କରି ଆଜି ଏହି କୃତିତ୍ୱ ହାସଲ କରିଛନ୍ତି ତାହା ତିଳେ ମାତ୍ର ସନ୍ଦେହ ନାହିଁ,



ତାଙ୍କର ଏହି କୃତିତ୍ୱରେ କୋଟପାଡ଼ ଅଞ୍ଚଳରେ ଖୁସିର ମହୋଲ ଖେଳିଯାଇଛି, ବିଶେଷକରି ନବୀନ ପ୍ରସାଦ ଗୁପ୍ତାଙ୍କ ଏହି ସଫଳତାରେ କୋଟପାଡ଼ ବିଧାୟକ ରୁପୁ ଭତରା,ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ,ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ, କୋଟପାଡ଼ ଏନ ଏ ସି ଅଧ୍ୟକ୍ଷ ଏମ ଶଙ୍କର ରାଓ,ସାଂସଦ ପ୍ରତିନିଧି ରାମେଶ୍ୱର ଜେନା,ଚନ୍ଦ୍ର ଶେଖର ଦାସ,ବିଧାୟକ ପ୍ରତିନିଧି ସୁରେନ ମହାନ୍ତି,କୋଟପାଡ଼ ତହସିଲଦାର ଟୀଙ୍କଲ ସେଠୀ, ବିଡ଼ିଓ ସନ୍ଧ୍ୟାରାଣୀ ସମରଥ, ଅତିରିକ୍ତ ତହସିଲଦାର ପର୍ଶୁରାମ ଭତରା, କୋଟପାଡ଼ ବାର ଆସସେସିୟନ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ଗୋପବନ୍ଧୁ ପାଠଗାର ସଭାପତି ଗଣେଶ ଚନ୍ଦ୍ର ପଣ୍ଡା,୮ ନଂ ୱାର୍ଡ ମେମ୍ବର ସଲମା ବେଗମ ଙ୍କ ସହ ଭାରତ ମିଡ଼ିଆ ଆସସେସୀୟନ ସଙ୍ଘ ଏବଂ କୋଟପାଡ଼ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରିଥିବାର ଦେଖିବାକୁ ମିଳିଥିଲା।

## ପାରାଦୀପରେ ଜେଏସଡବ୍ଲୁ ମେଗା ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ

# ଓଡ଼ିଶାକୁ 'ଦେଶର ଷ୍ଟିଲ୍ ରାଜଧାନୀ' କରିବାକୁ ସରକାରଙ୍କ ଲକ୍ଷ୍ୟ



**ଜଗତସିଂହପୁର,୨୭।୫ :** ମନୋଜ କୁମାର ଜେନା : ଓଡ଼ିଶାର ଶିଳ୍ପ ଇତିହାସରେ ଯୋଡ଼ିଲା ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଜଗତସିଂହପୁର ଜିଲ୍ଲାର ପାରାଦୀପ ଢିଙ୍କିଆ ଅଞ୍ଚଳରେ ଜେଏସଡବ୍ଲୁ ଷ୍ଟିଲ୍ ପକ୍ଷରୁ ସ୍ଥାପିତ ହେବାକୁ ଥିବା ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ଏହି ବିଶାଳ ପୁଞ୍ଜି ନିବେଶକୁ ରାଜ୍ୟର ସର୍ବବୃହତ୍ ଶିଳ୍ପ ପ୍ରକଳ୍ପମାନଙ୍କ ମଧ୍ୟରୁ ଗଣାଯାଉଛି। ଢିଙ୍କିଆରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାକୁ "ଦେଶର ଷ୍ଟିଲ୍ ରାଜଧାନୀ" ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଡବଲ ଇଞ୍ଜିନ ସରକାରଙ୍କ ଦ୍ରୁତ କାର୍ଯ୍ୟଶୈଳୀ ଫଳରେ ବର୍ଷଧରି ଅଟକିଥିବା ଏହି ପ୍ରକଳ୍ପକୁ ଫାଷ୍ଟ-ଟ୍ରାକ୍ ମୋଡରେ ଆଗେଇ ନିଆଯାଇଛି ଏବଂ ୨୦୨୮ ସୁଦ୍ଧା ଏଠାରେ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ ବୋଲି ସେ ଗ୍ୟାରେଣ୍ଟି ଦେଇଥିଲେ। ଦୁଇ ପର୍ଯ୍ୟାୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ରକଳ୍ପରେ ବାର୍ଷିକ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ କ୍ଷମତା ରହିବ। ସେଥିସହ ୧୨ ମିଲିଅନ୍ ଟନ୍ କ୍ଷମତାର ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ସିଷ୍ଟମ୍ ଏବଂ ସ୍ୱତନ୍ତ୍ର ଜେଟି ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୪୩୩ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି, ଯାହା ଦ୍ୱାରା ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେବଳ ପାରାଦୀପ ଅଞ୍ଚଳରେ ଆଗାମୀ ଦିନରେ ୧ ଲକ୍ଷରୁ ଅଧିକ ନୂତନ ଚାକିରି ସୃଷ୍ଟି ହେବ ବୋଲି ସେ ଦାବି କରିଥିଲେ। "ଟୁ-କୋଷ୍ଟ ଷ୍ଟ୍ରାଟେଜି" ଅନୁସାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦରକୁ କେନ୍ଦ୍ର କରି ରାଜ୍ୟର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପାରାଦୀପରେ କ୍ରୁଜ୍ ଟର୍ମିନାଲ୍, ଜାହାଜ ନିର୍ମାଣ କମ୍ପ୍ଲେକ୍ସ ଓ ଅର୍ଥନୈତିକ କରିଡର ଗଠନ ନେଇ ମଧ୍ୟ ସରକାର ଯୋଜନା କରୁଥିବା ସେ ସୂଚନା ଦେଇଥିଲେ। ଓଡ଼ିଶା-ଜାପାନ ଶିଳ୍ପ ସହଯୋଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜାପାନର ଟୋଟୋରି ରାଜ୍ୟ ସହ "ସିଷ୍ଟର ଷ୍ଟେଟ୍ସ" ଚୁକ୍ତି ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବ। ଏହା ଦ୍ୱାରା ଶିଳ୍ପ, ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ରରେ ଜାପାନୀୟ ପୁଞ୍ଜି ନିବେଶ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଜିଲ୍ଲାପାଳ ଜେ. ସୋନାଲ ଓ ଜେଏସଡବ୍ଲୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲଙ୍କ ସହ ବହୁ ଶିଳ୍ପପତି ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati